ଆଜି - ଶନିବାର
ତାରିଖ - ୧୧ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୮
ତିଥି - ନବମୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଉତରାଷାଢ଼ା, ମକର, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୭: ୦୦
ସୂର୍ଯ୍ୟାସ୍ତ - ୬ : ୦୦ : ୦୦
E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପ୍ରେମ ଦ୍ୱାରା ମହିଳାଙ୍କ ସ୍ୱଭାବରେ ଏବଂ ଉଚ୍ଚାକାଂକ୍ଷା ଦ୍ୱାରା ପୁରୁଷଙ୍କ ସ୍ୱଭାବରେ ପରିବର୍ତନ ଅଣାଯାଇପାରେ ।"
- ରବୀନ୍ଦ୍ର ନାଥ ଠାକୁର


E-News : www.Ajikali epaper.com

Vol.- 40 ISSUE- 357 R.N.I. REGD. No. 44026/86 ବାଲେଶ୍ୱର ୧୧ ଅପ୍ରେଲ ୨୦୨୬ ଶନିବାର BALASORE 11 APRIL 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଯମୁନା ନଦୀରେ ଡଙ୍ଗା ବୁଡ଼ି ୧୦ ଜଣଙ୍କ ମୃତ୍ୟୁ, ୨୦ରୁ ଊର୍ଦ୍ଧ୍ୱ ନିଖୋଜ

### ଉପରାଷ୍ଟ୍ରପତିଙ୍କ ଶୋକ



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଶୁକ୍ରବାର ଉତର ପ୍ରଦେଶର ମଥୁରା (ବୃନ୍ଦାବନ)ରେ ଯମୁନା ନଦୀରେ ଡଙ୍ଗା ଦୁର୍ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଉପରାଷ୍ଟ୍ରପତି ରାଧାକୃଷ୍ଣନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି, 'ଉତର ପ୍ରଦେଶର ମଥୁରାରେ ଡଙ୍ଗା ବୁଡ଼ିବା ଘଟଣା ପାଇଁ ମୁଁ ଗଭୀର ଦୁଃଖିତ । ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା ! ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି ।

### ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଉତର ପ୍ରଦେଶର ମଥୁରାରେ ଡଙ୍ଗା ବୁଡ଼ି ଦୁର୍ଘଟଣାରେ ସେ ଦୁଃଖିତ । ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସେ ଗଭୀର ସମବେଦନା ପ୍ରକାଶ କରୁଛନ୍ତି ! ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରୁଛନ୍ତି । ସ୍ଥାନୀୟ ପ୍ରଶାସନ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛି । ଉଲ୍ଲେଖନୀୟ ଯେ ଶୁକ୍ରବାର ଦିନ ମଥୁରାରେ ଯମୁନା ନଦୀରେ ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଥିଲା । ଏଥିରେ ୨୪ ରୁ ଅଧିକ ତୀର୍ଥଯାତ୍ରୀ ଥିଲେ । ଏପର୍ଯ୍ୟନ୍ତ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି, ଯେତେବେଳେ ୮ ଜଣଙ୍କୁ ଉଦ୍ଧାର କରାଯାଇଛି । ଅନ୍ୟମାନଙ୍କ ପାଇଁ ସନ୍ଧାନ ଜାରି ରହିଛି ।



ଲକ୍ଷ୍ନୌ: ଉତର ପ୍ରଦେଶର ମଥୁରା ଜିଲ୍ଲାରୁ ଏକ ଦୁଃଖଦ ଖବର ଆସୁଛି । ବୃନ୍ଦାବନରେ ଯମୁନା ନଦୀରେ ଏକ ଷ୍ଟିମର ବୁଡ଼ିଯିବାରୁ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ୨୦ରୁ ଅଧିକ ଜଣ ନିଖୋଜ ଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ଷ୍ଟିମରରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ । ବୃନ୍ଦାବନର ଶ୍ରୀଙ୍ଗାର ଘାଟ ନିକଟରେ ଏହି ଦୁର୍ଘଟଣା ଘଟିଛି । ସୂଚନା ପାଇବା ପରେ ପୋଲିସ ଓ ବିପର୍ଯ୍ୟୟ ମୁକାବିଲା ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ଡାଇଭରଙ୍କ ସହାୟତାରେ ସମସ୍ତ ଆହତମାନଙ୍କୁ ଉଦ୍ଧାର କରି ବୃନ୍ଦାବନର ଏକ ହସ୍ପିଟାଲରେ ଭର୍ତି କରିଛନ୍ତି । ତୀର୍ଥଯାତ୍ରୀମାନେ ପଞ୍ଜାବର ଲୁଧିଆନାରୁ ତୀର୍ଥଯାତ୍ରା ପାଇଁ ଆସିଥିଲେ । ପଞ୍ଜାବର ଲୁଧିଆନାରୁ ୧୫୦ ଭକ୍ତଙ୍କ ଏକ ଦଳ ମନ୍ଦିର ଦର୍ଶନ ପାଇଁ ବୃନ୍ଦାବନରେ ପହଂଚିଥିଲେ । ଶୁକ୍ରବାର ଅପରାହ୍ନରେ କିଛି ଭକ୍ତ ଯମୁନା ନଦୀରେ ଡଙ୍ଗା ଚଢ଼ିବା ପାଇଁ ବାହାରିଥିଲେ । ଡଙ୍ଗା ଚାଳକ ଭକ୍ତମାନଙ୍କୁ ଫେରି ଯାତ୍ରା ପାଇଁ ନେଉଥିବା ବେଳେ, ପ୍ରବଳ ସ୍ରୋତ ଯୋଗୁଁ ଡଙ୍ଗାଟି ହଠାତ୍ ଫଂଟୁନ୍ ପୋଲ ସହିତ ଧକ୍କା ହୋଇଥିଲା । ଏହି ଡଙ୍ଗାଟିରେ ପ୍ରାୟ ୩୦ରୁ ଅଧିକ ଭକ୍ତ ଏଥିରେ ଥିଲେ । ଅନ୍ୟ ନିଖୋଜ ଭକ୍ତଙ୍କ ପାଇଁ ସନ୍ଧାନ ଜାରି ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ

### ୧୧ଟି ପ୍ରସ୍ତାବ ଉପରେ ଲାଗିଲା ମୋହର



ଭୁବନେଶ୍ୱର : ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୩୮ ତମ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ୫ଟି ବିଭାଗର ୧୧ଟି ପ୍ରସ୍ତାବ ଉପରେ ମୋହର ଲାଗିଛି । ଜଳ ସମ୍ପଦ ବିଭାଗର ୫ଟି ଟେଣ୍ଡରକୁ ଅନୁମତି ମିଳିଛି । ପାର୍ବତୀଗିରି ମେଗା ଜଳପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି । ଏହି ଜଳ ପ୍ରକଳ୍ପ ଦ୍ୱାରା ୬୧୨୦ ହେକ୍ଟର ଜମି ଜଳସେଚିତ ହେବ । ଏହାଦ୍ୱାରା ସମ୍ବଲପୁରର ୧୪ଟି ଗାଁ ଉପକୃତ ହେବେ । ସେହିପରି ଅଟଳ ବସଷ୍ଟାଣ୍ଡ ପାଇଁ ୩୪୦୦ କୋଟିର ବ୍ୟୟ ଅଟକଳ କରାଯାଇଛି । ୩୧୮ଟି ବସଷ୍ଟାଣ୍ଡର ଉନ୍ନତୀକରଣ ହେବ । ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି । କ୍ୟାବିନେଟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣା ନୀତି ୨୦୨୬କୁ ଅନୁମୋଦନ ମିଳିଛି । ଏହି ନୀତିରେ ପ୍ରକଳ୍ପ ସରିବା ପରେ ତାର ରକ୍ଷଣାବେକ୍ଷଣା ପାଇଁ ଦାୟିତ୍ୱ ବଂଟନ ହୋଇଛି । ଏଥିରେ ପଂଚାୟତ ଗ୍ରାମବାସୀଙ୍କର କ'ଣ ଦାୟିତ୍ୱ ରହିବ, ମନିଟରିଙ୍ଗ କେମିତି ହେବ, କେତେ ଟଙ୍କା ଦିଆଯିବ ସବୁ କିଛି ନୀତିରେ ଉଲ୍ଲେଖ ରହିଛି । ଏହା ବାଦ୍ ୩୪୦୦ କୋଟି ଅଟଳ ବସଷ୍ଟାଣ୍ଡ ଯୋଜନାକୁ କ୍ୟାବିନେଟ ମୋହର ବାଜିଛି । ରାଜ୍ୟରେ ନିର୍ମାଣ ହେଉଥିବା ୩୧୮ ବସଷ୍ଟାଣ୍ଡ ଙ୍କଗ୍ମକ୍ଙ୍ଗମ ସମନ୍ୱୟରେ କରାଯିବ । ଏହା ସହ ଜଳସମ୍ପଦ ବିଭାଗର ୫ ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । କଟକର ୧୩୫ କୋଟି ହାଡୁଆ ଜଳସେଚନ ପ୍ରକଳ୍ପ, ଯାହା ବଡ଼ୟାର ୭୬ ଗାଁ, ନରସିଂହପୁର ଓ ତିଗିରିଆର ୫ଟି ଲେଖାଏଁ ଗାଁର ମୋଟ ୩୬୦୦ ହେକ୍ଟର ଜମିରେ ପାଣି ମାଡ଼ିବ । ସେହିପରି ୨୦୪ କୋଟିର ପାର୍ବତୀଗିରି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପରେ ସମ୍ବଲପୁରରେ ୬୨୧୦ ହେକ୍ଟର ଜମି ଜଳସେଚିତ ହେବ । ସୋନପୁର ତେଲ ନଦୀରେ ୧୭୦ କୋଟିର କ୍ଲଷ୍ଟର ଦ୍ୱାରା ୩୦ ପ୍ରକଳ୍ପରେ ୬ହଜାର ହେକ୍ଟର ଜମି ଜଳସେଚିତ ହେବ । ୧୫୮ କୋଟିର ଯାଜପୁର ଖରାସୁଆ, ବ୍ରାହ୍ମଣୀ ନଦୀରେ କ୍ଲଷ୍ଟର ୩୭ ପ୍ରକଳ୍ପ ଦ୍ୱାରା ୬ ହଜାର ହେକ୍ଟର ୭୩ ଗାଁ ପାଣି ପାଇବ । କେନ୍ଦୁଝରରେ ୯୩ କୋଟି ବ୍ୟୟରେ କ୍ଲଷ୍ଟରରେ ୩୮ ପ୍ରକଳ୍ପ ଯାହାଦ୍ୱାରା ୪୨୮୦ ହେକ୍ଟର ପାନପୁର ଅଂଚଳରେ ଜମି ଜଳସେଚିତ ହେବ । କେନ୍ଦୁଝରରେ ୧୬୪୭ କୋଟିର ବ୍ୟୟରେ ନୂଆ ୨ଂଚ୫୦୦ ଙ୍କଙ୍କବ ସବ ଷ୍ଟେସନକୁ ଅନୁମୋଦନ ମିଳିଛି । ଯାହାର କାମ ୩ ବର୍ଷରେ ସରିବ । ଏହା ସହ ଚାକିରୀ ସର୍ତବଳିରେ ସଂଶୋଧନ, କ୍ୟାଡର ରୁଲ ପରିବର୍ତନ ଶ୍ରମ ବିଭାଗର ୩ ପ୍ରସ୍ତାବ ପାରିତ ହୋଇଛି ।

## ଅଳ୍ପରେ ଖବର

» ଯମୁନା ନଦୀରେ ଓଲଟିଲା ଡଙ୍ଗା । ମଥୁରା ଜିଲ୍ଲା ବୃନ୍ଦାବନରୁ ଅଘଟଣ ଖବର । ଶେଷ ଖବର ସୁଦ୍ଧା ୧୦ ଜଣ ପ୍ରାଣ ହରାଇଥିବାବେଳେ ୧୫ ଜଣ ଶ୍ରଦ୍ଧାଳୁ ଉଦ୍ଧାର ହୋଇଛନ୍ତି ।

» ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରି ୱାଶିଂଟନ୍ ଠାରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି । ଏହି ବୈଠକରେ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସାର୍ଜିଓ ଗୋରେ ମଧ୍ୟ ଉପସ୍ଥିତ ଥିଲେ ।

» ସଡ଼କ ଦୁର୍ଘଟଣାରେ ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଏବଂ ମାଗଣା ଚିକିତ୍ସା ଯୋଗାଇଦେବା ପାଇଁ ଭାରତ ସରକାରଙ୍କ ପକ୍ଷରୁ 'ପ୍ରଧାନମନ୍ତ୍ରୀ ରାହତ' ଯୋଜନା କାର୍ଯ୍ୟକାରୀ କରାଯାଉଛି ।

» ଆଗାମୀ ସୋମବାର, ଅପ୍ରେଲ୧୩ ରୁ ଶ୍ରୀ ରାମ ଜନ୍ମଭୂମି ପରିସରରେ ପାର୍କୋଟା, ଶେଷାବତର ମନ୍ଦିର, ସପ୍ତ ମନ୍ଦିର, କୁବେର ଟିଲାର ସମସ୍ତ ମନ୍ଦିରରେ ଦର୍ଶନ ଆରମ୍ଭ ହେବ । ଆଜିଠାରୁ ଭକ୍ତମାନଙ୍କ ପାଇଁ ସାଧାରଣ ଦର୍ଶନ ପାସ୍ ଅନଲାଇନରେ ବୁକ୍ କରାଯାଇଛି ।

## ପଶ୍ଚିମବଙ୍ଗରେ ବିଜେପିର ନିର୍ବାଚନୀ ସଭାକୁ ସମ୍ବୋଧିତ କଲେ ଅମିତ ଶାହ



କୋଲକାତା : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପଶ୍ଚିମବଙ୍ଗ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି । ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯଦି ବିଜେପି କ୍ଷମତାକୁ ଆସେ ତାହାହେଲେ ମହିଳାଙ୍କୁ ମାସିକ ୩୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ । ଏହାସହିତ ୬ ମାସ ଭିତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବ ବୋଲି କହିଛନ୍ତି । କୋଲକାତାରେ ଏକ କାର୍ଯ୍ୟକ୍ରମରେ ବିଜେପି ସଙ୍କଳ୍ପ ପତ୍ର ଜାରି କରି ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଗତ ୧୫ ବର୍ଷର ଶାସନକୁ କଳା ଅଧ୍ୟାୟ ବୋଲି କହିଛନ୍ତି । ଲୋକମାନେ ଏବେ ଭୟଭୀତ ଅଛନ୍ତି ଓ ଶାସନରେ ପରିବର୍ତନ ଚାହୁଛନ୍ତି । ବିଜେପିର ସଙ୍କଳ୍ପ ପତ୍ର ସବୁ ବର୍ଗକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ବୋଲି ଅମିତ ଶାହ କହିଛନ୍ତି । ପଶ୍ଚିମବଙ୍ଗରେ ଲୋକମାନେ ଭୟଭୀତ ଓ ନିରାଶ ଅଛନ୍ତି ଏବଂ ହୃଦୟରୁ ପରିବର୍ତନ ଚାହୁଛନ୍ତି ବୋଲି ଶାହ କହିଛନ୍ତି । ଏହି ଇସ୍ତାହାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ ପାଇଁ ରୋଡମ୍ୟାପ୍ । ଅନୁପ୍ରବେଶ, ଗୋ ଚାଲାଣ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରାଯିବ ବୋଲି ଶାହ କହିଛନ୍ତି । ଦଳ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସବୁ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କୁ ମହଙ୍ଗା ଭତା ପ୍ରଦାନ କରିବାକୁ ଘୋଷଣା କରିଛି । ସରକାର କ୍ଷମତାକୁ ଆସିବାର ୪୫ ଦିନ ଭିତରେ ୭ମ ବେତନ କମିସନଙ୍କ ସୁପାରିସ୍ ଲାଗୁ କରାଯିବ ବୋଲି ଶାହ ପ୍ରତିଶ୍ରୁତି ଦେଇଛନ୍ତି । ଆୟୁଷ୍ମାନ ଭାରତ ଲାଗୁ କରାଯିବ ବୋଲି କୁହାଯାଇଛି । ଇସ୍ତାହାରକୁ ବିଶ୍ୱାସର ପ୍ରତିଶ୍ରୁତି ବୋଲି କହି ଶାହ କହିଛନ୍ତି, ବିଜେପି ବଙ୍ଗଳାର ସାଂସ୍କୃତିକ ପରିଚୟକୁ ପୁନର୍ଜୀବିତ କରିବ ଏବଂ ଏପରି ଏକ ରାଜ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଯେଉଁଠାରେ ଲୋକମାନେ ବିନା ଭୟରେ ଗର୍ବର ସହିତ ସମସ୍ତେ ବଂଚି ପାରିବେ । ସମସ୍ତ ରାଜନୈତିକ ହିଂସାର ତଦନ୍ତ କରାଯିବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟସ୍ତରୀୟ ଲୋକକଳା ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ



ପୁରୀ : ଓଡ଼ିଶାର ଐତିହ୍ୟ, କଳା,ସଂସ୍କୃତି ଓ ଲୋକ କଳା ମହାନ ।ବିଶ୍ୱ ଦରବାରରେ ଏହାର ମହତ୍ୱ ରହିଛି ।ଏହାକୁ ଆହୁରି ଅଧିକ ପରିବ୍ୟାପ୍ତ ଆମ ସମସ୍ତଙ୍କ ଧେୟ ହେବା ଉଚିତ ବୋଲି କହିଛନ୍ତି ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଓଡିଆ ପକ୍ଷ ପାଳନ ଅବସରରେ ଆଜି ପିପିଲି ପଦା ପଡିଆ ଠାରେ ରାଜ୍ୟ ସ୍ତରୀୟ ଲୋକକଳା ପାଇଁ ଦିନଟିଏ ଉତ୍ସବ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆମ ମହାନ ଲୋକକଳାର ସ୍ୱତନ୍ତ୍ର ଉପସ୍ଥାପନା ଓ ଆମ ଚମତ୍କାର ଖାଦ୍ୟ କୁ ଉପସ୍ଥାପିତ କରି ପର୍ଯ୍ୟଟକ ଙ୍କ ମାଧ୍ୟମରେ ବିଶ୍ୱ କୁ ଦେଖେଇ ବାକୁ ପଡିବ ବୋଲି ସେ କହିଥିଲେ ।ଯେଉଁ ଜାତି ନିଜ ଇତିହାସ, ଐତିହ୍ୟ ଓ ସଂସ୍କୃତି ର ସୁରକ୍ଷା ସହ ଆଗକୁ ନିଏ ସେ ଜାତି ବା ରାଜ୍ୟ ଶ୍ରେଷ୍ଠ ହୋଇ ପାରେ । ମରାଠା, ପଞ୍ଜାବୀ, ଗୁଜୁରାଟୀ ମାନଙ୍କ ଉନ୍ନତି ଓ ବିକାଶ ଏହାର ବଡ ଉଦାହରଣ ।ଆମ ସରକାର ୨ ବର୍ଷ ଧରି ଓଡିଶା ଦିବସ କୁ କେବଳ ବର୍ଣ୍ଣାଢ୍ୟ ଭାବେ ପାଳନ କରୁନାହିଁ ବଂର ବରପୁତ୍ର ମାନଙ୍କ ଜନ୍ମ ସ୍ଥାନରେ ରାଜ୍ୟ ସ୍ତରୀୟ ଉତ୍ସବ ପାଳନ କରି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଛନ୍ତି ।ତତସହିତ ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ଆମ ଖାଦ୍ୟ, ପୋଷାକ ପରିଧାନ, ଝୋଟି, ମୁରୁଜ ଅଙ୍କନ, ନୃତ୍ୟ ସଂଗୀତର ଲୋକ କଳା ପ୍ରଦର୍ଶନ, ଯୁବବର୍ଗ ଙ୍କ ମଧ୍ୟରେ ସାହିତ୍ୟ ର ସମୃଦ୍ଧିର ନବ ଉନ୍ମେଷ ଓ ଓଡ଼ିଆ ନବବର୍ଷ ପାଳନ ପାଇଁ ବ୍ୟବସ୍ଥା କରି ଓଡ଼ିଆ ଅସ୍ମିତା କୁ ପରିବ୍ୟାପ୍ତ କରାଯାଇଛି ।ପିପିଲି ରେ ଖୁବ ଶିଘ୍ର ଜାତୀୟ ରାଜପଥ ପାର୍ଶ୍ୱରେ ଶତାଧିକ ଚାନ୍ଦୁଆ ବ୍ୟବସାୟୀ ଙ୍କୁ ନେଇ ବୃହତ ଚାନ୍ଦୁଆ ବଜାର କରାଯିବ,ଯାହା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ ସହ ଆମ ଅର୍ଥନୀତି କୁ ମଧ୍ୟ ସମୃଦ୍ଧ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିବା ସହ ଓଡ଼ିଆ ଅସ୍ମିତା ର ପ୍ରଚାର ପ୍ରସାର ପାଇଁ ଐକ୍ୟ ବଦ୍ଧ ହେବା ଓ ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ କୁ ସାର୍ଥକ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସମସ୍ତ ଲୋକ କଳା ଆମ ମହାନ ଓଡ଼ିଆ ସଂସ୍କୃତି ଓ ପରମ୍ପରା ର ପ୍ରତୀକ ଓ ପରିଚୟ ଅଟେ । ବହୁ ଘାତ ପ୍ରତିଘାତରେ ଲୋକକଳା ତାହାର ଗରିମାକୁ ବଂଚାଇ ରଖିଛି ଓ ଆଗକୁ ଆହୁରି ଋଦ୍ଧିମନ୍ତ ହେବ ବୋଲି କହିବା ସହ ସମସ୍ତ କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପିପିଲି ରେ ଲୋକ କଳା ପାଇଁ ଦିନଟିଏ ର ରାଜ୍ୟ ସ୍ତରୀୟ ଉତ୍ସବ କାର୍ଯ୍ୟକ୍ରମ କରା ଯାଇଥିବାରୁ ସରକାର ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ର ସୁରକ୍ଷା ପାଇଁ ଏହା ଏକ ଅଭିନବ ପଦକ୍ଷେପ ବୋଲି କହିବା ସହ ଖୁବ ଶିଘ୍ର ପିପିଲି ରେ ଆର୍ଟ ଓ କ୍ରାଫ୍ଟ ହବ ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଥିଲେ ।

## ରାଜ୍ୟରେ ପାରଦ ଉପରମୁହାଁ : ଦୁଇଦିନ ମଧ୍ୟରେ ୪ରୁ ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ



ଭୁବନେଶ୍ୱର : ରାଜ୍ୟରେ ପାରଦ ପୁଣି ଉପରମୁହାଁ ହେବ । ଦୁଇଦିନ ମଧ୍ୟରେ ୪ରୁ ୬ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ । ବିଶେଷକରି ଶନିବାର ୧୧ ତାରିଖରୁ ପଶ୍ଚିମ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣି ପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ୧୫ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଉପକୂଳ ଓଡ଼ିଶା ଗରମ ଓ ଗୁଳୁଗୁଳିରେ ଛଟପଟ ହେବ । ଏଥିପାଇଁ ୧୧ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅପରପକ୍ଷେ ଗତ ୨୪ ଘଂଟାରେ ବାଲେଶ୍ୱର ଜିଲା ଖଇରାଠାରେ ସର୍ବାଧିକ ୮୭ ମି.ମି. ବର୍ଷା ହୋଇଛି । ସେହିପରି କଟକ ଜିଲା ବାଙ୍କୀଠାରେ ୬୫ ମି.ମି., କେନ୍ଦ୍ରାପଡ଼ା ଜିଲା ଗରଦପୁରରେ ୬୪ ମି.ମି., କେନ୍ଦୁଝର ଜିଲା ଘଷିପୁରାରେ ୫୩ ମି.ମି., ନୟାଗଡ଼ ଜିଲା ରଣପୁରରେ ୪୬.୨ ମି.ମି., ପୁରୀ ଜିଲା କୃଷ୍ଣପ୍ରସାଦଠାରେ ୪୩.୫ ମି.ମି, ନିମାପଡ଼ାରେ ୪୨ ମି.ମି., ଖୋର୍ଦ୍ଧା ଜିଲା ଟାଙ୍ଗୀରେ ୪୦ ମି.ମି. ବର୍ଷା ରେକର୍ଡ ହୋଇଛି । ଶୁକ୍ରବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବର୍ଷା ସମୟରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବ ବୋଲି ବିଭାଗ ପୂର୍ବାନୁମାନ କରିଛି ।

## ୨୦୨୭ରେ ହେବ ପଂଚାୟତ ନିର୍ବାଚନ

### ଆସନ ସଂରକ୍ଷଣ ସ୍ଥିର କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ




ଭୁବନେଶ୍ୱର : ୨୦୨୭ରେ ହେବ ପଂଚାୟତ ନିର୍ବାଚନ । ଆସନ ସଂରକ୍ଷଣ କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ପଂଚାୟତିରାଜ ବିଭାଗର ଚିଠି । ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲ ୨୦୨୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁଯାୟୀ, ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ କରିବେ । ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ଜଣାଇବେ । ସେହିପରି ଜିଲ୍ଲା ପରିଷଦ ସଦସ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରିବେ । ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ୩୦ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ଜଣାଇବେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପାଇଁ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ରହିବ । ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ଯାଏଁ ସଂରକ୍ଷଣ ରହିବ । ମହିଳାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ । ସୂଚନା ଥାଉକି, ୨୦୨୨ରେ ୫ଟି ପର୍ଯ୍ୟାୟରେ ପଂଚାୟତ ନିର୍ବାଚନ ହୋଇଥିଲା । ୮୫୨ଟି ଜିଲ୍ଲା ପରିଷଦ ଜୋନ୍‌ରୁ ୭୬୬ଟି ଆସନ ଜିତି ବିଜେଡି ବୃହତ୍ ବିଜୟ ହାସଲ କରିଥିଲା । ୩୦ଟି ଜିଲ୍ଲାରେ ପରିଷଦ ଗଠନ କରିଥିଲା । ସେହିପରି ବିଜେପି ଏବଂ କଂଗ୍ରେସ ପ୍ରମୁଖ ବିରୋଧୀ ଦଳ ଭାବେ ବରାବର ଟକ୍କର ଦେଇଥିଲେ । ହେଲେ ଏବେ ରାଜ୍ୟ ରାଜନୀତିର ଚିତ୍ର ବଦଳିଛି । ଅନ୍ତଃକନ୍ଦଳ ଯୋଗୁଁ ବିଜେଡି ଭାଗ ଭାଗ ହୋଇଛି । ଅସନ୍ତୁଷ୍ଟ ଗୋଷ୍ଠୀମାନେ ବିଜୁ ଲିଗାସୀର ଦ୍ୱାହି ଦେଇ ବିଜେଡିକୁ ମୁହଁ ମୋଡ଼ିଛନ୍ତି । ଖୁବ୍ ଶୀଘ୍ର ରାଜ୍ୟରେ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି । ସେପଟେ ରାଜ୍ୟ କଂଗ୍ରେସର ସ୍ଥିତି ନକହିବା ଭଲ । ମହମ୍ମଦ ମୋକିମ୍ ଙ୍କ ନେତୃତ୍ୱରେ ଆଉ ଏକ ଦଳ ମୁଣ୍ଡ ଟେକୁଛି । ଆଗାମୀ ପଂଚାୟତ ନିର୍ବାଚନରେ ଏହାର ବଡ଼ ପ୍ରଭାବ ପଡ଼ିବ । ବିଜେପିକୁ ସିଧାସଳଖ ଭାବେ ଏହାର ଫାଇଦା ମିଳିବ ।





# 'ଆମେ ଜାଣିବା ଆମ ବଜେଟ-୨୦୨୬' କର୍ମଶାଳା ଅନୁଷ୍ଠିତ



ବାଲେଶ୍ୱର :(ନି.ପ୍ର.)ଆଜି ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ହଲ ଠାରେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ 'ଆମେ ଜାଣିବା ଆମ ବଜେଟ ୨୦୨୬' ଉପରେ ଏକ କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହା ଓଡ଼ିଶା ସରକାରଙ୍କ ବାର୍ଷିକ-ବଜେଟ, ୨୦୨୬-୨୭ ନିମନ୍ତେ ସଚେତନତା କାର୍ମଶାଳା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର କମିଶନର ଶ୍ରୀଯୁକ୍ତ ଭୂପେନ୍ଦ୍ର ସିଂ ପୁନିଆ ଓ ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟିକା, ବସ୍ତା, ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇଥିଲେ । ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ ଓ ଡେପୁଟି ଡାଇରେକ୍ଟର ପ୍ଲାନିଂ, ଶ୍ରୀଯୁକ୍ତ ହେମନ୍ତ କୁମାର ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି । ବାର୍ଷିକ ବଜେଟ, ୨୦୨୬-୨୭ ପାଇଁ ଶିକ୍ଷା କ୍ଷେତ୍ରରେ ୪୨,୫୬୫ କୋଟି ଟଙ୍କା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୨୩,୧୮୨ କୋଟି ଟଙ୍କା, ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୫,୨୦୮ କୋଟି ଟଙ୍କା, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୪୨,୪୯୨ କୋଟି ଟଙ୍କା, ଗ୍ରାମୀଣ ବିକାଶ କ୍ଷେତ୍ରରେ ୪୪,୩୦୯ କୋଟି ଟଙ୍କା, ନଗର ଉନ୍ନୟନ କ୍ଷେତ୍ରରେ ୧୦,୭୩୮ କୋଟି ଟଙ୍କା, ମହିଳା ସଶକ୍ତିକରଣ କ୍ଷେତ୍ରରେ ୧୮,୯୫୭ କୋଟି ଟଙ୍କା, କ୍ରୀଡା କ୍ଷେତ୍ରରେ ୧,୪୦୦ କୋଟି ଟଙ୍କାର ବଜେଟ ଅଟକଳ ହୋଇଥିବା ବେଳେ ଆହୁରି ଅନେକ ଦିଗ ଉପରେ ଧ୍ୟାନ ରଖାଯାଇଛି । ଏଠାରେ ସରକାରୀ ଓ ଶିକ୍ଷ ସଂସ୍ଥାର ଅଧିକାରୀ ମାନେ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତା ମାନେ ଏବଂ ବୁଦ୍ଧିଜୀବୀ ଗଣ ଏହି ବଜେଟ ଉପରେ ନିଜର ମତାମତ ରଖିବା ସହିତ ବାଲେଶ୍ୱର ଜିଲ୍ଲାର ଉନ୍ନତି ପାଇଁ ବଜେଟ ରେ ସ୍ଥାନ ଦେବା ପାଇଁ ସଚିବଙ୍କୁ ପରାମର୍ଶ ଦେଇଥିଲେ ।

# ଓଡ଼ିଆ ପକ୍ଷ ୨୦୨୬ ଅବସରରେ ପାଳିତ ହେଲା ଲୋକକଳା ପାଇଁ ଦିନଟିଏ

ବାଲେଶ୍ୱର(ନି.ପ୍ର.) ଆଜି ହେଉଛି ଓଡ଼ିଆ ପକ୍ଷ ୨୦୨୬ର ଦଶମ ଦିବସ । ଏହି ଅବସରରେ ଦିବା ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ, ବାଲେଶ୍ୱର ସଦରଙ୍କ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ପ୍ରାଙ୍ଗଣରେ "ଲୋକକଳା ପାଇଁ ଦିନଟିଏ" ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ମହାସମାରୋହରେ ପାଳିତ ହୋଇଯାଇଅଛି । ସର୍ବ ପ୍ରଥମେ ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ସମୂହ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ, ମାନ୍ୟବର ବିଧାୟକ ସଦରଙ୍କ ପ୍ରତିନିଧି ଶ୍ରୀଯୁକ୍ତ ହରେନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ମାୟାଧର ମଲ୍ଲିକ ଯୋଗଦାନ କରି ଲୋକକଳା ଦିବସ ସମ୍ବନ୍ଧରେ ଆଲୋକପାତ କରିବା ସହିତ ହଜିଯାଉଥିବା ଲୋକକଳାକୁ ବଂଚାଇ ରଖିବା ପାଇଁ କଳାକାର ମାନଙ୍କୁ ଅନୁପ୍ରାଣିତ କରିଥିଲେ । ଏହା ପରେ ଅତିଥି ମାନେ ସଦର ବ୍ଲକ ଅଂଚଳର ୨୫ ଜଣ ପ୍ରମୁଖ ଲୋକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ସ୍ଥାନୀୟ ଲୋକକଳା ଅନୁଷ୍ଠାନ ଶୀତଳା ମାତା ସଂକୀର୍ତନ ଦଳ, ବାବା ଭଲେଶ୍ୱର ପାଲା ପରିଷଦ, ମା ବାସନ୍ତୀ ଚଢ଼େୟା ନାଟ ର



କଳାକାର ମାନଙ୍କ ଦ୍ୱାରା ସଂକୀର୍ତନ, ପାଲା ଓ ଚଢ଼େୟା ନାଟ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଶ୍ରୀମତୀ ମଧୁଛନ୍ଦା ଗିରି ପରିଚାଳନା କରିଥିଲେ ।

# ଫକୀରମୋହନ ଗୋଲେଇ ସାହିତ୍ୟ ଖଟି ପକ୍ଷରୁ ଆୟୋଜିତ ହେଲା ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତି ଚର୍ଚ୍ଚା

ବାଲେଶ୍ୱର, (ନି.ପ୍ର.) ଓଡ଼ିଶାର ବହୁ ଚର୍ଚ୍ଚିତ ଗାଳ୍ପିକ ଓ ଏକାଡେମୀ ପୁରସ୍କାର ପ୍ରାପ୍ତ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ବାଲେଶ୍ୱରର ଏଡିଏମ୍ ଛକ ନିକଟସ୍ଥ 'ଶ୍ରୀକକ୍ଷ'ରେ ଫକୀରମୋହନ ଗୋଲେଇ ସାହିତ୍ୟ ଖଟି ତରଫରୁ ଏକ



ଶୋକସଭା କବି ଉତ୍ପଳ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଗାଳ୍ପିକଙ୍କର ସ୍ମୃତି ଚର୍ଚ୍ଚା କରି ପ୍ରଶାନ୍ତ ଦାସ, ଶ୍ରୀଦେବ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା ଓ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ସହ ସଂପର୍କ କିପରି ଗଢ଼ି ଉଠିଥିଲା ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଜଣେ ସାହିତ୍ୟ-ଆଲୋଚକ, ସଂଗଠକ ଓ ସୁବକ୍ତା ଭାବରେ ସେ କିପରି ଅନନ୍ୟ ଥିଲେ ସେ ସଂପର୍କରେ ମତ ରଖିଥିଲେ । ପ୍ରତ୍ୟେକ ବକ୍ତା ସଦାନନ୍ଦ ତ୍ରିପାଠୀଙ୍କର ଅତ୍ୟନ୍ତ ଘନିଷ୍ଠ ହୋଇଥିବା ଯୋଗୁଁ ତାଙ୍କ ସହ ସଂପର୍କ କିପରି ଆରମ୍ଭ ହୋଇଥିଲା ଓ ସେହି ସଂପର୍କ କିପରି ଏଯାବତ୍ ନିରବଚ୍ଛିନ୍ନ ଭାବରେ ବିତିଥିଲା ସେ ସଂପର୍କରେ ଆଲୋଚନା କରିଥିଲେ । ସଦାନନ୍ଦଙ୍କ ସଂପର୍କରେ ଅଞ୍ଜନ ଚାନ୍ଦ, ସଞ୍ଜୟ ପଣ୍ଡା, ଶଶିରଞ୍ଜନ ମଲ୍ଲିକ, ସ୍ମୃତି ଦାସ ପ୍ରମୁଖ ସଦାନନ୍ଦଙ୍କ ଜୀବନୀ ଓ ସାହିତ୍ୟ ସଂପର୍କରେ ଆଲୋକପାତ କରି ତାଙ୍କୁ ଦିଆ ଯାଇଥିବା ପୁରସ୍କାର ବିଳମ୍ବ କରା ନଯାଇ ପୂର୍ବରୁ ଦିଆଯିବା ଉଚିତ୍ ଥିଲା ବୋଲି ମତ ରଖିଥିଲେ । ଆସରର ସଂଚାଳକ ଉତ୍ପଳ ମହାନ୍ତି ମଧ ତାଙ୍କ ସଂପର୍କରେ ଆଲୋଚନା କରି ବିଭିନ୍ନ ସ୍ଥାନରେ ତାଙ୍କର ଶୋକସଭା କରିବା ସଙ୍ଗେ ସଙ୍ଗେ ତାଙ୍କ ଗଳ୍ପ ସାହିତ୍ୟର ଆଲୋଚନା ହେବା ଉଚିତ ବୋଲି ପ୍ରକାଶ କରିଥିଲେ । ଶେଷରେ ରାଜେଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ମିର୍ଜାପୋଖରୀ ଠାରେ ୧୦୮ତମ ଚନ୍ଦନ ଯାତ୍ରା ଆସନ୍ତା ୨୫ରୁ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହରର ପ୍ରସିଦ୍ଧ ମିର୍ଜା ପୋଖରୀ ଠାରେ ୧୦୮ତମ ଚନ୍ଦନ ଯାତ୍ରା ଚଳିତ ବର୍ଷ ଯାକଜମକରେ ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ଆସନ୍ତା ୨୫ ତାରିଖରୁ ମେ ମାସ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ମନୋରଞ୍ଜନ ଭିତିକ କାର୍ଯ୍ୟକ୍ରମକୁ ନେଇ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ ବୋଲି ଉତ୍ସବ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଂଚଳବାସୀଙ୍କ ମିଳିତ ଉଦ୍ୟମରେ ଚନ୍ଦନଯାତ୍ରା ଆୟୋଜନ ହେବାକୁ ଯାଉଥିବା ସେ କହିଛନ୍ତି । କମିଟିର କାର୍ଯ୍ୟକାରୀ ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ



ପୌରହିତ୍ୟ କରିବା ସହିତ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତି ସଂଧ୍ୟାରେ ଶୋଭାଯାତ୍ରା ମଧ୍ୟରେ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହେବ । ସେହିପରି ପ୍ରଥମ ସଂଧ୍ୟାରେ ଭଜନ ଓ ପାଲା କାର୍ଯ୍ୟକ୍ରମ, ଦ୍ୱିତୀୟ ସନ୍ଧ୍ୟା ଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ସଙ୍ଗୀତ ବିଚିତ୍ରା ମେଲୋଡ଼ି କାର୍ଯ୍ୟକ୍ରମ ଅନଷ୍ଠିତ ହେବ । ସେହିପରି ୨୯ତାରିଖରୁ ମେ ୧ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ମଂଚ ଯାତ୍ରା ଅନୁଷ୍ଠିତ ହେବ ବୋଲି ଡକ୍ଟର ମହାନ୍ତି ପ୍ରକାଶ କରିଛନ୍ତି । ଚନ୍ଦନ ଯାତ୍ରା ମେଳାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଦୋକାନୀ ଆସିବାକୁ ଜାଗା ଚିହ୍ନଟ କରିଥିବା ବେଳେ ପିଲାଙ୍କ ପାଇଁ ରାମଦୋଳି, ବ୍ରେକ ଡାନ୍ସ ଓ ହେଲିକେପ୍ଟର ପ୍ରଭୃତି ବିଶେଷ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ତେବେ ଶାନ୍ତିଶୃଙ୍ଖଳାର ସହ ଏବର୍ଷର ଚନ୍ଦନ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ଚନ୍ଦନ ଯାତ୍ରା ରାତିରେ ଶ୍ରୀରାଧାକୃଷ୍ଣଙ୍କ ନାବକେଳି ଅନୁଷ୍ଠିତ ହେବା ପରମ୍ପରା ଥିବାରୁ ଉତ୍ସବର ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରଶାସନ ଆବଶ୍ୟକୀୟ ଅନୁମତି ପ୍ରଦାନ ପୂର୍ବକ ସହଯୋଗ ଦେବାକୁ କମିଟିର କର୍ମକର୍ତାମାନେ ନିବେଦନ କରିଛନ୍ତି । କମିଟିର ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଏଥିରେ ଉପସ୍ଥିତ ରହି ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ଏହି ଉତ୍ସବ ପାଳନରେ ଅତ୍ୟଧିକ ଜନଗହଳି ହେବା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କମିଟି କର୍ମକର୍ତାମାନେ ପ୍ରଶାସନ ସହିତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଲେଙ୍କା, ଅନୁପ କୁମାର ସ୍ୱାଇଁ, ସର୍ବେଶ୍ୱର ବୁଗୁଡାଇ, ଭୁଦେବ ମହାପାତ୍ର, ମନୋଜ କୁମାର ଦାସ, ଅଶୋକ କୁମାର ତ୍ରିପାଠୀ, ନାରାୟଣ ଦତ , ବୀରେନ୍ଦ୍ର କୁମାର କର, ଭାରତ ଭୂଷଣ ଦାସ, ସୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ କୁମାର ମହାନ୍ତି, ଅବିନାଶ ସ୍ୱାଇଁ, ରୁଦ୍ର ନାରାୟଣ ଦାସ, ସୁମନ୍ତ ସାହୁ ପ୍ରମୁଖଙ୍କ ସମେତ କମିଟିର ବହୁ ଉପସ୍ଥିତ ଥିଲେ ।

# 'ମନା' ୧୦ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୯ରେ

ବାଲେଶ୍ୱର(ନି.ପ୍ର.): ରାଜ୍ୟସରକାରଙ୍କ ଅବକାରୀ ବିଭାଗ ଚଳିତବର୍ଷ ସହର ଓ ଗ୍ରାମା□ଳରେ ନୂତନ ମଦ ଦୋକାନ ନ ଖୋଲିବା ପ୍ରସ୍ତାବକୁ 'ମନା' ( ମିଳିତ ନିଶା ନିବାରଣ ଅଭିଯାନ) କମିଟିର ଶୁକ୍ରବାର ଦିନ ଅନୁଷ୍ଠିତ ମାସିକ ବୈଠକରେ ସ୍ୱାଗତ କରାଯାଇଛି । କିନ୍ତୁ ରାଜ୍ୟ ସରକାରଙ୍କ ପରିଚାଳିତ ପର୍ଯ୍ୟଟନ ନିଗମ ଜରିଆରେ ସମୁଦ୍ର ବେଳାଭୂମିରେ ମଦ କୁଡ଼ିଆ ଆଳରେ ନୂତନ ମଦ ଦୋକାନ ଖୋଲିବାକୁ ବୈଠକରେ ଦୃଢ଼ ବିରୋଧ କରାଯାଇଛି । ରାଜ୍ୟ ସରକାର ଏହି ନିଷ୍ପ□କୁ ପ୍ରତ୍ୟାହାର କରିବାକୁ ବୈଠକରେ ଦାବି କରାଯାଇଛି । ବାଲେଶ୍ୱର ଉପକୂଳରେ କୌଣସି ମଦ ଦୋକାନ ଖୋଲାଇ ଦିଆଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି । ସଂଗଠନ ଆସନ୍ତା ସମ୍ମିଳନୀର ସାଧାରଣ ସଭାରେ ଏ ସଂପର୍କରେ ଆଗାମୀ ପ୍ରତିବାଦ ଆନ୍ଦୋଳନ ନିମି□ ନିଷ୍ପ□ ନିଆଯିବ ବୋଲି ସାଧାରଣ ସଂପାଦିକା ମମତା ମହାପାତ୍ର ମତ ଦେବାପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି ।

ଶୁକ୍ରବାର ଦିନ ଅପରାହ୍ନରେ



'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୦ମ ବାର୍ଷିକ ସମ୍ମିଳନୀ ପୂର୍ବନିଷ୍ପ□ ଅନୁଯାୟୀ ଚଳିତ ମାସ ୧୯ ତାରିଖ ଦିନ ଏ.ସି.ପି.ଏଲ୍. ସଭାଗୃହରେ ଦିନ ୧୦ଟାରେ ଅନୁଷ୍ଠିତ ହେବ । ଏହି ଅବସରରେ ସଂଗଠନର ମୁଖପତ୍ର ଉଦ୍‌ଘାଟନ ହେବ । ଜିଲ୍ଲାର ସମସ୍ତ ବ୍ଲକ୍ କମିଟି ଓ ଶାଖା କମିଟିର ପ୍ରତିନିଧିଙ୍କ ସମେତ ନିଶା ବିରୋଧରେ କାର୍ଯ୍ୟ କରୁଥିବା ସଂଗଠନ ଓ ବ୍ୟକ୍ତିବିଶେଷ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ଏହି ସମ୍ମିଳନୀର ସାଧାରଣ ସଭାରେ ଅତିଥି ଓ ବକ୍ତାଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାକୁ ସମ୍ମତି ଜଣାଇଛନ୍ତି । ଆସନ୍ତା ସମ୍ମିଳନୀର ସଫଳତା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି । ବୈଠକରେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ହିସାବ ଆଗତ କରିଥିଲେ ।

ଏହି ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କରଙ୍କ ସମେତ ସର୍ବଶ୍ରୀ କୁମୁଦ ରଂଜନ ଗିରି, ତ୍ରିଦିପ ନାୟକ, ରମେଶ ଚନ୍ଦ୍ର ଜେନା, ଡ. କେଶବ ଚରଣ ପଣ୍ଡା, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାରତୀ ପଣ୍ଡା, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ଗୀତାଞ୍ଜଳି ସିଂହ, ବସନ୍ତ ପ୍ରଧାନ, କବି ପ୍ରଭାକର ସାହୁ, ସନାତନ ଦାସ, ସୁନାମଣି ଜେନା, କବିତା ଜେନା, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ସଂଜୟ ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଜଗନ୍ନାଥ ସାହୁ, ଡ. କ୍ଷିତୀଶ୍ୱର ଦାଶ, ଅବନ୍ତୀ ପ୍ରଧାନ ଓ ଶୁଭଙ୍କର ମହାପାତ୍ର ପ୍ରମୁଖ ଆଲେଚନାରେ ଅଂଶଗ୍ରହଣ କରିଥିଲେ । ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କେନ୍ଦ୍ରର ପ୍ରତିଶ୍ରୁତି : ବାଲେଶ୍ୱରରେ କାର୍ଯ୍ୟକାରୀ କେବେ ?

ବାଲେଶ୍ୱର(ନି.ପ୍ର.) ଆଜି ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାରତର ମାନ୍ୟବର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଊ.ଚ.ଘବୟୟବ ଜୀ ଙ୍କୁ ସାକ୍ଷାତ୍ କରି ବାଲେଶ୍ୱର ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ।ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସେ ନିମ୍ନଲିଖିତ ବିଷୟଗୁଡିକ ଉପରେ ଲମ୍ବା ଆଲୋଚନା କରିବା ସହ ପତ୍ର ପ୍ରଦାନ କରିଛନ୍ତି । ୧) ବାଲେଶ୍ୱରରେ ଏକ କ୍ୟାନ୍ସର ହସ୍ପିଟାଲ୍ ସ୍ଥାପନ, ୨) CGHS Wellness ସେସଟର ସ୍ଥାପନ, ଏବଂ୩) ପୂର୍ବରୁ ସ୍ଥାପିତ ହୋଇଥିବା କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପେ କାର୍ଯ୍ୟରତ ନହୋଇଥିବା ବାଲେଶ୍ୱର ଇଓଓଗଝ ସ୍ୟାଟେଲାଇଟ୍ ସେ[ରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ।ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି, ବାଲେଶ୍ୱରର ଇଓଓଗଝ ସ୍ୟାଟେଲାଇଟ୍ ସେ[ରକୁ ଆଉ କୌଣସି ବିଳମ୍ବ ନକରି ସଂପୂର୍ଣ୍ଣ ଭାବେ ଚାଲୁ କରିବା ପାଇଁ ସେ ତାଙ୍କୁ ନିବେଦନ କରିଛି । ଏବଂ ମାନ୍ୟବର ମନ୍ତ୍ରୀ ଏହାକୁ ଗୁରୁତ୍ୱ ର ସହ ନେଇ ନିଶ୍ଚିତ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି ।



# ସୈନିକବୋର୍ଡ଼ କାର୍ଯ୍ୟାଳୟ ପରିଦର୍ଶନ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରରେ ଜିଲ୍ଲା ସୈନିକ ବୋର୍ଡ ଅଫିସକୁ ଯାଇ ଆମର ଗର୍ବ ଓ ଗୌରବ ସୈନିକ ଭାଇ ମାନଙ୍କର ସୁଖ ଦୁଃଖ ବୁଝିଥିଲେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ସ୍ୱରୂପ ଦାସ,ବରିଷ୍ଠ ନେତ୍ରୀ ଡ଼ ଲେଖାଶ୍ରୀ ସାମନ୍ତସିଂହାରକ୍ଷ ଅତ୍ୟନ୍ତ ଦୁଃଖର ବିଷୟ ଏହି କର୍ଜ୍ୟାଳୟ ଟି ନିହାତି ଜରାଜୀର୍ଣ୍ଣ ଓ ଅସୁରକ୍ଷିତ ବ୍ରିଟ ବିଲଡିଂ ରେ ଚାଲୁଛି ଓ ବୁନିଆଦି ସୁବିଧା ମଧ ନାହିଁ କ୍ଷ ଏ ନେଇ କେନ୍ଦ୍ର ସରକାର ଓ ରକ୍ଷା ମନ୍ତ୍ରଣାଳୟ ଙ୍କ ଠାରେ ଦାବି ଉପସ୍ଥାପନ କରାଯିବା ସହ ତୁରନ୍ତ ଏଇ ବିଷୟକୁ ଗୁରୁତ୍ୱ ଦେଇ କାର୍ଯ୍ୟାଳୟ କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ନେତୃବୃନ୍ଦ ମାନେ ଦାବି କରିଛନ୍ତି କ୍ଷ କଲେକ୍ଟର ମହୋଦୟ ଏଇ ବୋର୍ଡ ର ସଭାପତି ଥିବାରୁ ତାଙ୍କୁ ଅନୁରୋଧ କରାଯାଉଛି ତୁରନ୍ତ ପଦକ୍ଷେପ ନିଅନ୍ତୁ ଓ ସୈନିକ ଭାଇ ମାନଙ୍କ ସୁବିଧା ପାଇଁ ଉଚିତ ଧ୍ୟାନ ଦିଅନ୍ତୁ ।



# ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପିଟିଆର କ୍ଷମତା ବୃଦ୍ଧି କଲା TPNODL

ବାଲେଶ୍ୱର,(ନି.ପ୍ର.): ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଟିପିଏନଓଡ଼ିଏଲର ମୌଳିକ ଲକ୍ଷ୍ୟ ଥିବାବେଳେ ଭିତିଭୂମି ସୁଦୃଢ କ୍ଷେତ୍ରରେ ସଂସ୍ଥା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଉପଭୋକ୍ତାଙ୍କ ଆବଶ୍ୟକତାକୁ ଉପଲବ୍ଧି କରି କେବଳ ବିତରଣ ଟ୍ରାନ୍ସଫର୍ମର(ଡ଼ିଟିଆର) କ୍ଷମତା ବୃଦ୍ଧି କରାଯାଉନି, ଅଗ୍ରାଧିକାର ଭିତିରେ ପିଏସଏସଗୁଡ଼ିକରେ ଥିବା ପ୍ରାଥମିକ ଟ୍ରାନ୍ସଫର୍ମର (ପିଟିଆର)ର କ୍ଷମତା ମଧ ବଢୁଛି । ଟିପିଏନଓଡ଼ିଏଲ ପକ୍ଷରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ନୀଳଗିରି, ବସୁଦେବପୁର ଏବଂ ଗମ୍ଭାରିଆ ଅଂଚଳରେ ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ୩୨ଏମଭିଏର ପିଟିଆର କ୍ଷମତା ବୃଦ୍ଧି କରାଯାଇଛି । ୨୭ ହଜାରରୁ ଅଧିକ ପରିବାର ଏହି ପଦକ୍ଷେପ ଦ୍ୱାରା ଉପକୃତ ହେବାକୁ ଥିବାବେଳେ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ । ବିଶେଷତଃ ଗ୍ରୀଷ୍ମରେ ବିଦ୍ୟୁତ ବିଭ୍ରାଟ ଓ



ଲୋ-ଭୋଲ୍ଟେଜ ଆଦି ସମସ୍ୟାର ମଧ୍ୟ ସମାଧାନ ହେବ । ସୂଚନା ମୁତାବକ ବାଲେଶ୍ୱରର ନୀଳଗିରି ଓ ଭଦ୍ରକର ବାସୁଦେବପୁର ପିଏସଏସ କ୍ଷମତା ୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଥିବାବେଳେ କେନ୍ଦୁଝରର ଗମ୍ଭାରିଆ ପିଏସଏସ କ୍ଷମତା ୮ ରୁ ୧୬ ଏମଭିଏକୁ ବୃଦ୍ଧି କରାଯାଇଛି । ନୀଳଗିରି ଅଂଚଳର ୫ହଜାରରୁ ଅଧିକ ପରିବାର ଏହା ଦ୍ୱାରା ଉପକୃତ ହେବାକୁ ଥିବାବେଳେ କେନ୍ଦୁଝର ଡିଭିଜନର କେନ୍ଦୁଝର ଟାଉନ ଓ ଆଖପାଖ ଅଂଚଳର ପ୍ରାୟ ୧୨ହଜାର ପରିବାର ଏବଂ ବାସୁଦେବପୁର ଅଂଚଳର ୧୧ ହଜାର ପରିବାର ଗମ୍ଭାରିଆ ପିଏସଏସ ଦ୍ୱାରା ଉପକୃତ ହେବେ । ଅପରପକ୍ଷେ ଟିପିଏନଓଡିଏଲ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିଛି । ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ଆକଳନ କରାଯାଇଥିବାରୁ ଶୀର୍ଷ ବିଜୁଳି ଚାହିଦା ମେ[ାଇବା ଲାଗି ଟିପିଏନଓଡିଏଲ ପକ୍ଷରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେବାକୁ ଟିପିଏନଓଡ଼ିଏଲ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛି । ଝଡ ତୋଫାନରେ କୌଣସି ସ୍ଥାନରେ ବିଦ୍ୟୁତ ତାର ଝିଣ୍ଡିଥିଲେ ଅବା ବିତରଣ ନେଟୱାର୍କରେ ତ୍ରୁଟି ଦେଖିଲେ ନିଜେ ମରାମତି କରିବାର ଦୁଃସାହସ ନ କରି ବିଦ୍ୟୁତ ବିଭାଗ ଅଫିସ କିମ୍ବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବାକୁ ଟିପିଏନଓଡ଼ିଏଲ ଦର୍ଶାଇଛି ।





# ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ




ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପରିଷଦ ର ସପ୍ତମ ସାଧାରଣ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ, ସମାଜ ର ଶେଷ ବର୍ଗ ର ଲୋକର ବିକାଶ ହୋଇପାରିଲେ ହିଁ ଜିଲ୍ଲା ତଥା ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିବ । ଜିଲ୍ଲା ପ୍ରଶାସନ ଏବଂ ଜନ ପ୍ରତିନିଧି ଙ୍କ ମଧ୍ୟରେ ସମନ୍ୱୟ ରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ । ସରକାର ଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଶେଷ କରି ବିଜିବିଓ (ବିକଶିତ ଗାଁ ବିକଶିତ ଓଡ଼ିଶା)ର ସଠିକ ଓ ସମୟାନୁବର୍ତ୍ତି କାର୍ଯ୍ୟନ୍ୱୟନ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ଲୋକ ପ୍ରତିନିଧି ମାନେ ସକାରାତ୍ମକ ଚିନ୍ତାଧାରା ସହ ପ୍ରଶାସନ ସହ ମିଶି କାମକଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଂସଦ କହିଥିଲେ । ସମ୍ମାନିତ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ସ୍ଥାନୀୟ ସମସ୍ୟାକୁ ସଠିକ୍ ଭାବେ ପ୍ରଶାସନ ନିକଟରେ ପହଂଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ କଳ ର ସମନ୍ୱୟ ରେ ଜିଲ୍ଲା ର ଅଗ୍ରଗତି ହେବ ବୋଲି ସେ କହିଥିଲେ । ଯୋଜନା ପ୍ରଣୟନ ଏବଂ ଏହାର କାର୍ଯ୍ୟକାରିତା ସଠିକ୍ ଭାବରେ ହୋଇପାରିଲେ ବିକାଶ ସୁନିଶ୍ଚିତ ବୋଲି ଶ୍ରୀ ଜେନା କହିଥିଲେ । ବିଜିବିଓ ର କାର୍ଯ୍ୟକାରିତା ନେଇ ଉପୁଜୁଥିବା ସମସ୍ୟା ଓ ପରିଷଦ ସଭ୍ୟ ମାନଙ୍କ ଦାବି ବିଷୟରେ ସମୀକ୍ଷା କରିଥିଲେ । ଏହାପରେ ଜିଲ୍ଲାପାଳ ଜେ ସୋନାଲ ମଧ୍ୟ ଜନପ୍ରତିନିଧି ଓ ପ୍ରଶାସନ ର ମିଳିତ ଉଦ୍ୟମ ରେ ଜିଲ୍ଲା ର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସଭା ର ସଭାପତି କାର୍ଯ୍ୟସୂଚୀ ଅନୁଯାୟୀ ଗୃହକୁ ଆଗେଇ ନେଇଥିଲେ । ପ୍ରଥମେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା । ସାର, ଖତ ଆଦି କ୍ରୟ ବିକ୍ରୟ ରେ ଜନପ୍ରତିନିଧି, ଚାଷୀ ଓ କୃଷିବିଭାଗ ମିଶି କାମ କରିବାକୁ କହିଥିଲେ । ରାଜ୍ୟ ସରକାର ଙ୍କ ବିଭିନ୍ନ କୃଷି ଭିତିକ ଯୋଜନାକୁ କୃଷି ମନ୍ତ୍ରୀଙ୍କ ଜରିଆରେ ଲୋକଙ୍କ ପାଖରେ ପହଂଚାଇବା, ଜିଲ୍ଲା ରେ ମୃତିକା ସର୍ବେକ୍ଷଣ କରାଯାଇ କେଉଁ ଠାରେ କେଉଁ ଚାଷ କରାଯିବ ତାହାର ତାଲିକା ପ୍ରସ୍ତୁତ ଆଦି ଉପରେ ବୈଠକ ରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଧରତି ମାତା ବଚାଓ ଅଭିଯାନ ରେ ଜୈବିକ ପଦ୍ଧତିରେ ଚାଷ, ପି ଏମ୍ କିଷାନ୍, ସି ଏମ୍ କିଷାନ୍, ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ଡିଜିଟାଲ କ୍ରପ ସର୍ଭେ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ରେ ସମସ୍ତ ରାଜସ୍ୱ ଗ୍ରାମର ମୃତିକା ପରୀକ୍ଷା ଏବଂ ଜିଲାରେ ସୋରିଷ , ଚୀନା ବାଦାମ, ସୂର୍ଯ୍ୟମୁଖୀ ପରି ତୈଳବୀଜ ଚାଷ ଉପରେ ଆଲୋଚନା ହୋଇଥିଲା । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୌଳିକ ସୁବିଧା ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା । ଗ୍ରାମ ସଭା ଦ୍ୱାରା ଏଚ ପି ଭି କାର୍ଯ୍ୟକ୍ରମ ର ପ୍ରଚାର ପ୍ରସାର କରିବା, ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ମଧ୍ୟ ଏଡଲୋସେଂଟ ଝିଅ ମାନଙ୍କୁ ସଚେତନ କରିବା ନେଇ ଆଲୋଚନା ହୋଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରେ ଶିକ୍ଷକ ନିଯୁକ୍ତି, ଜଳ ସେଚନ ବିଭାଗ ରେ ଖରା ଦିନ ହୋଇଥିବାରୁ ଅକାମୀ ଉଠା ଜଳ ସେଚନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ବିଷୟ ରେ ଆଲୋଚନା ହୋଇଥିଲା । ନିୟମିତ ଭାବେ କେନାଲ ସଫେଇ, ଖନନ, ଜଳ ଯୋଗାଣ ଓ ଆବଂଟନ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଡ୍ରେନେଜ୍ ବିଭାଗ, ମହାନଦୀ ଦକ୍ଷିଣ ବିଭାଜନ, କଟକ, ଉପ-ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ମୃତିକା ସଂରକ୍ଷଣ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ , ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପୂର୍ତ, ଗୃହ ନିର୍ମାଣ ଓ ଗ୍ରାମ ଉନ୍ନୟନ ବିଭାଗ, ସମବାୟ ବିଭାଗ ବିଷୟ ରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀମତୀ ସୁଜାତା ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକ ରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ପଂଚାୟତ ସମିତି ଅଧକ୍ଷ ଅଧକ୍ଷା,ବି.ଡି.ଓ, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

## ଆସନ୍ତା ୧୮ରୁ ୨୦
# ଯଶୋବନ୍ତ ବୃଦ୍ଧାଶ୍ରମ ପ୍ରତିଷ୍ଠା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଦୁନା ସ୍କୁଲ ନିକଟରେ ଶିକ୍ଷକ ମାୟାଧର ସାହୁ ଓ ତାଙ୍କର ଭାଇମାନେ ପିତାଙ୍କ ସ୍ମୃତିରେ ନିଜ ସଂଚିତ ଅର୍ଥରୁ ଆରମ୍ଭ କରିଥିବା ଯଶୋବନ୍ତ ବୃଦ୍ଧାଶ୍ରମ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଂଚିଛି । ଆସନ୍ତା ୧୮,୧୯ ଓ ୨୦ତାରିଖ ୩ଦିନ ଧରି ଏହାର ପ୍ରତିଷ୍ଠାକାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଗୁରୁବାର ଦିନ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପରିଚାଳନା କମିଟିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିବା ଅବସରରେ ଅବହେଳିତଙ୍କୁ ଥଇଥାନ ବା ସେବା ମାବାପାଙ୍କ ପାଇଁ ପ୍ରକୃତ ଅବଦାନ ବୋଲି ପ୍ରକାଶ କରିଥିଲେ । ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ସାହୁ ଟ୍ରଷ୍ଟ ଗଠନ କାର୍ଯ୍ୟ, ସେବାଶ୍ରମ ପରିଚାଳନା ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି, ସାଗର ସାହୁ, କୋଷାଧକ୍ଷ ଷଡାନନ ପାଣିଗ୍ରାହୀ, ସଭ୍ୟ ଯୁଧିଷ୍ଠିର ମହାରଣା ପ୍ରମୁଖ ସେବାଶ୍ରମ ସମ୍ପୂର୍ଣ୍ଣ ଭାବେ ଗରୀବ, ନିଷ୍ପେଶିତ ଓ ଅସହାୟ ଙ୍କ ପାଇଁ ସମର୍ପିତ । ସେବାଶ୍ରମରେ ମୋଟ ୩୦ଶଯ୍ୟା ମଧ୍ୟରୁ ୬ଟି କୋଠରି ଜଣକିଆ ଓ ୨ଟି ଦମ୍ପତି ଓ ଗୋଟିଏ କୋଠରୀ ଅସୁସ୍ଥଙ୍କ ପାଇଁ ଉଦ୍ଦିଷ୍ଟ । ତେବେ ପ୍ରତିଷ୍ଠା ପରେ ରହିବାପାଇଁ ଇଚ୍ଛୁକ ତଥା ଆବେଦନ କରିଥିବା ବୁଢୀବୁଢା ସମ୍ପର୍କରେ ବିଚାର କରାଯିବ ବୋଲି ବୈଠକ ରେ ସର୍ବ ସମ୍ମତି ନିଷ୍ପତି ଗ୍ରହଣ କରାଯାଇଥିଲା ।

## ହୋମିଓପାଥିକ ପ୍ରାକ୍ଟିସନରର୍ସ ଆସୋସିଏସନର ୧୧ତମ ବାର୍ଷିକ ଉତ୍ସବ



କଟକ(ନିପ୍ର): ବିଶ୍ୱ ହୋମିଓପାଥିକ ଦିବସ ପୂଣ୍ୟାତ୍ମା ହୋମିଓପାଥିକ ଜନକ ଡାକ୍ତର. ସି. ଏଫ. ଏସ. ହ୍ୟାନିମ୍ୟାନ୍ଙ୍କ ୨୭୨ ତମ ପବିତ୍ର ଜନ୍ମ ବାର୍ଷିକ ଅବସରରେ ପ୍ରାଇଭେଟ ହୋମିଓପ୍ୟାଥିକ ପ୍ରାକ୍ଟିସନରସ ଆସୋସିଏସନର ୧୧ତମ ବାର୍ଷିକ ଉତ୍ସବ ଚୌଧୁରୀ ବଜାରସ୍ଥିତ ସହିଦ୍ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ୧୭୫୫ ମସିହା ଏପ୍ରିଲ ୧୦ ତାରିଖ ଦିନରେ ଡା. ସି. ଏଫ. ଏସ. ହ୍ୟାନିମ୍ୟାନ୍ ଜନ୍ମ ଗ୍ରହଣ କରିଥିଲେ ଜୀବ ଜଗତର କଲ୍ୟାଣ ନିମିତ ଏହି ମହାତ୍ମାଙ୍କ ଅବଦାନ ଅବିସ୍ମରଣୀୟ । ଏହି ଚିକତ୍ସା ବିଶ୍ୱର କୋଣ ଅନୁକୋଣରେ ଉପଲବ୍ଧ । ରାଜ୍ୟରେ ହୋମିଓପ୍ୟାଥିକ ଚକିତ୍ସା କରି ଜୀବନ ଜୀବିକା ନିର୍ବାହ କରୁଥିବା ପ୍ରାକ୍ଟିସିନରସଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହେଲା । ଏହି ପରିପ୍ରେକ୍ଷିରେ ପ୍ରାକ୍ଟିସିନରସମାନେ ସମ୍ମିଳିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ ୨୦୧୪ ମସିହାରେ ପ୍ରାଇଭେଟ ହୋମିଓପ୍ୟାଥିକ ପ୍ରାକ୍ଟିସନରସ ଆସୋସିଏସନ ଗଠନ କରିଥିଲେ, ଯାହା ସମଗ୍ର ଦେଶରେ ଏକମାତ୍ର ଆସୋସିଏସନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ସି ଏମ ସି ମେୟର ସୁବାସ ସିଂହ ସମ୍ମାନିତ ଅତିଥି ଭାବରେ ଓସମ୍ମାନିତ ବକ୍ତା ଭାବେ ହୋମିଓପାଥିକ ଡକ୍ଟର ଆର୍ ଏନ ଦତ ଯୋଗଦେଇ ହୋମିଓ ପାଥିକ ଚିକିତ୍ସା ବିଷୟରେ ନିଜର ଅନୁଭୂତି ବାଂଟି ଥିଲେ । ରାଜ୍ୟ ସଭାପତି ଡକ୍ଟର ଅଟଳ କୁମାର ଦାସ ସଭା ପରିଚାଳନା କରିଥିବାବେଳେ ରାଜ୍ୟ ସମ୍ପାଦକ ଡକ୍ଟର ମଦନ ମୋହନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ହୋମିଓପାଥିକ୍ ଚିକିତ୍ସା ପଦ୍ଧତିରେ କିପରି ଚିକିତ୍ସା ହୋଇପାରେ ସେ ବିଷୟରେ ଆଲୋଚନା ହୋଇ ଥିଲା । ପ୍ରାକ୍ଟିସନର ମାନଙ୍କର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଉପସ୍ଥାପନା ହୋଇଥିବା ତିନିଟି ଦାବୀ ଗୁଡ଼ିକ ହେଲା । ପୂର୍ବରୁ ସୁଗିତ ଥିବା ତାଲିକାଭୁକ୍ତ ମାନ୍ୟତା ପୁନଃ ପ୍ରଚଳନ । ସରକାର ପ୍ରଚଳନ କରିଥିବା "ଆୟୁଷ୍ମାନ ଭାରତ ଓ ଆରୋଗ୍ୟ ମନ୍ଦିରରେ" ସେମାନଙ୍କୁ ଅବୈତନିକ ଚିକିତ୍ସକ ଭାବେ ସହଯୋଗ ନିମିତ ସୁଯୋଗ ଦେବା ଆସୋସିଏସନର ଚିକିତ୍ସକ ମାନଙ୍କ ଜୀବନ ଜୀବିକା ନିମିତ ଚିକିତ୍ସା କ୍ଷେତ୍ରରେ କୌଣସି କଟକଣା ନରଖିବା । ଏହି ଦାବି ପୂରଣ ନିମିତ ଲଢେଇ ଜାରି ରହିବ ବୋଲି ପ୍ରକାଶ କରିଥିଲେ ।

# ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ



ଖୋର୍ଦ୍ଧା(ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉକ୍ତ ସଚେତନତା ରଥ ଜିଲ୍ଲାରେ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ବୁଲି ଜନସାଧାରଣ ମାନଙ୍କୁ ସଚେତନ କରିବ ଜନଗଣନା ବିଷୟରେ ଏବଂ ସ୍ୱ ଗଣନା କିପରି କରିବେ ସେ ସମ୍ବନ୍ଧରେ ରଥ ଡ଼ାକବାଜି ଯନ୍ତ୍ର ଓ ଲିଖିତ ଭାବେ ସଚେତନତା କରିବ କ୍ଷ ଏହି କାର୍ଯ୍ୟକ୍ରମରେ ଗୃହ ଗଣନା ୧୬ ଅପ୍ରିଲ୍ ୨୦୨୬ ରୁ ୧୫ ମଇ ୨୦୨୬, ଦେଶର ପ୍ରଥମ ଡିଜିଟାଲ ସ୍ୱ ଗଣନାରେ ୧ ଅପ୍ରେଲ ୨୦୨୬ ରୁ ୧୫ ଅପ୍ରେଲ ୨୦୨୬ ମଧ ରାତ୍ର ପର୍ଯ୍ୟନ୍ତ https://se.census.gov.in ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ସଠିକ୍ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରନ୍ତୁ, ସମୃଦ୍ଧ ରାଜ୍ୟ ତଥା ଦେଶ ଗଠନରେ ସାମିଲ ହୁଅନ୍ତୁ, ବୋଲି ପରାମର୍ଶ ଦିଆଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜନଗଣନା ଅଧିକାରୀ ବିଜୟ କୁମାର ସେଠୀ, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ,ରଞ୍ଜନ କୁମାର ଜେନା, ସ୍ୱିଟି ସୋରେନ, ଆର୍ତତ୍ରାଣ ମଲ୍ଲିକ, ଆସିଷ୍ଟାଂଟ କଲେକ୍ଟର ରିଷବ୍‌ତ୍ରିପାଠୀ, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

## ଅଳ୍ପକେ ବର୍ତିଲା ଅନେକ ଜୀବନ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତରେଶ୍ୱର ବସଷ୍ଟାଣ୍ଡ ନିକଟରେ ଏକ ମାଲ ବୋଝେଇ ଟ୍ରକ ସୁରକ୍ଷା ବାଡ଼କୁ ଧକା ଦେଇଥିବା ବେଳେ ଅଳ୍ପକେ ଅନେକ ଧନ ଜୀବନ କ୍ଷୟକ୍ଷତିରୁ ବର୍ତି ଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ଅପରାହ୍ନରେ ଡବ୍ଲୁବି ୪୯ ଏନ ୦୨୧୨ ନମ୍ବର ବିଶିଷ୍ଟ ଟ୍ରକ ଟି ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବସଷ୍ଟାଣ୍ଡ ନିକଟରେ ଏକ ଯାତ୍ରୀ ବାହି ବସ ଟ୍ରକକୁ ସାଇଡ ମାରିଥିଲା । ଫଳରେ ଟ୍ରକ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡ଼ ସୁରକ୍ଷା ବାଡ଼କୁ ଧକା ଦେଇ ଅଟକି ରହିଥିଲା । ଫଳରେ ତଳ ରାସ୍ତାରେ ଛିଡା ହୋଇଥିବା ଅନେକ ଅଟୋ ଏବଂ ରାସ୍ତାରେ ଯାଉଥିବା ଲୋକ ମାନେ ଅଳ୍ପକେ ବର୍ତି ଯାଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ଗାଡି ଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର(ନିପ୍ର): ଧାମନଗର ବ୍ଲକ ଫଳପୁର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ହିନ୍ଦୀ ଶିକ୍ଷୟିତ୍ରୀ ତପସ୍ୱିନୀ ନାୟକଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଦୀର୍ଘ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରି ସେ ନିଜର ନିଷ୍ଠା, ମମତା ଓ ଉତମ ଶିକ୍ଷା ପ୍ରଦାନ ଶୈଳୀ ଦ୍ୱାରା ଛାତ୍ରଛାତ୍ରୀଙ୍କ ହୃଦୟ ଜୟ କରି ପାରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଷେକ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ଶିକ୍ଷକ ଅନନ୍ତ ମିଶ୍ର ବେଦ ପାଠ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଶିକ୍ଷୟତ୍ରୀ ସୁନୀତା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଭାର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଏକ ମର୍ମସ୍ପର୍ଶୀ ବିଦାୟ ସଙ୍ଗୀତ ଗାନ କରି ଶିକ୍ଷୟତ୍ରୀଙ୍କ ସହ ଥିବା ସ୍ମୃତିକୁ ମନେ ପକାଇଥିଲେ । ଏହି ଅବସରରେ ଉପସ୍ଥିତ ଥିବା ସହକାରୀ ଶିକ୍ଷକ ଅବନୀ ରାଉତ, ତପନ ପଲ୍, ମନୋରଞ୍ଜନ ଦାସ, ପ୍ରଫୁଲ୍ଲ ସାହୁ, ପ୍ରଦୀପ ପତି ଓ ମିନତି ମହାପାତ୍ର ପ୍ରମୁଖ ଶିକ୍ଷୟତ୍ରୀଙ୍କ କର୍ତବ୍ୟପରାୟଣତା ଏବଂ ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀମାନେ ମଧ ନିଜର ପ୍ରିୟ ଦିଦିଙ୍କୁ ବିଦାୟ ଦେବା ସମୟରେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ବିଦ୍ୟାଳୟ ପକ୍ଷରୁ ଶ୍ରୀମତୀ ନାୟକଙ୍କୁ ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଶେଷରେ ଜୟସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷକ-ଛାତ୍ର ସମ୍ପର୍କର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ପରିଦର୍ଶନ କଲେ ଜିଲ୍ଲାପାଳ



ଯାଜପୁର(ନିପ୍ର): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗୁରୁବାର ସକାଳେ ଅଚାନକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତି ସମୀକ୍ଷା କରିଥିଲେ । ଜିଲ୍ଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେମାନେ ପାଉଥିବା ଚିକିତ୍ସାର ଗୁଣବତା ଓ ଡାକ୍ତରୀ ସେବା ଉପରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ । ଏହାପରେ ସେ କାଜୁଆଲିଟି ବିଭାଗକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଦୁଇଟି ଦୁର୍ଘଟଣା ମାମଲାରେ ପୀଡ଼ିତ ରୋଗୀଙ୍କ ସହ କଥା ହୋଇଥିଲେ । ପରୀକ୍ଷାଗାର ପରିଦର୍ଶନ ସମୟରେ ସେଠାରେ ଆବଶ୍ୟକୀୟ ଉପକରଣ, ଯନ୍ତ୍ରପାତି ଓ ରିଏଜେଂଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ । ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ଏହାପରେ ସେ 'ନିରାମୟ' ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ଉପସ୍ଥିତ ରୋଗୀଙ୍କ ସହ କଥା ହୋଇଥିଲେ ଏବଂ ମାଗଣା ଔଷଧ ଠିକ୍ ଭାବରେ ମିଳୁଛି କି ନାହିଁ, ସେ ବିଷୟରେ ତଦାରଖ କରିଥିଲେ । ଚିକିତ୍ସାଳୟର ଦ୍ୱିତୀୟ ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ପେ-କ୍ୟାବିନଗୁଡିକୁ ମଧ ଜିଲ୍ଲାପାଳ ବୁଲି ଦେଖିଥିଲେ । ସେଠାରେ ଲାଗିଥିବା ପେସେଂଟ କଲିଂ ସିଷ୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାଗୁଡିକର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ । ଖୁବ୍ ଶୀଘ୍ର ଏହି କ୍ୟାବିନ ଗୁଡିକୁ ରୋଗୀଙ୍କ ସେବା ପାଇଁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଡାକ୍ତରଖାନାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ସତର୍କ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଧକ୍ଷଙ୍କ ସହ ମେଡିକାଲ କଲେଜରେ ଡାକ୍ତରୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଯେଭଳି କୌଣସି ବ୍ୟାଘାତ ନ ହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ । ଏହା ସହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।


## ଝୁଲନ୍ତା ମୃତ ଦେହ ଠାବ

ଉଦଳା(ନିପ୍ର): ଉଦଳା ଥାନା ଅନ୍ତର୍ଗତ ନାବରା ସଂରକ୍ଷିତ ଶାଳ ଜଙ୍ଗଲ ରେ ଝୁଲନ୍ତା ଅବସ୍ଥା ରେ ଏକ ଯୁବକର ମୃତ ଦେହ ଠାବ ହୋଇଅଛି । ତେବେ ସୂଚନା ଅନୁସାରେ ସ୍ଥାନୀୟ ଅଂଚଳର କିଛି ଲୋକ ଜଙ୍ଗଲ ଭିତରକୁ ଯାଇ ଥିବା ବେଳେ ଝୁଲନ୍ତା ଅବସ୍ଥାରେ ଏକ ଯୁବକର ମୃତ ଦେହ ଦେଖି ତୁରନ୍ତ ଉଦଳା ପୋଲିସ କୁ ଖବର ଦେଇଥିଲେ । ସୂଚନା ପାଇ ଉଦଳା ଥାନାର ପୋଲିସ ଘଟଣା ସ୍ଥଳକୁ ଯାଇ ମୃତ ଦେହ କୁ ଜବାଦ କରି ତଦନ୍ତ ଆରମ୍ଭ କରୁଛନ୍ତି । ଯଦିଓ ଯୁବକର ପରିଚୟ ଅସ୍ୱଷ୍ଟ ତଥାପି କଟୁରିଆ ଅଂଚଳ ର ବୋଲି ଜଣା ପଡୁଅଛି । କେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଛି ଆତ୍ମହତ୍ୟା ନକ୍ଷ ଅନ୍ୟ କାରଣ ରହିଛି ତାହା ଅନୁସନ୍ଧାନ ପରେ ଜଣାଯିବ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 31.03.2026, I, Jhadeswar Mandal, S/o- Bhaskar Chandra Mandal resident of At/Po- Kasafal, Ps- Singla, Dist- Balasore - 756024 declare that I have changed my minor son's name from Manas Mandal to Manoj Mandal. Henceforth, he shall be known as Manoj Mandal for all purposes.

Sd/-
Jhadeswar Mandal





ଯୌବନକୁ ଏପରି କଟାଅ, ଯାହାକି ବୃଦ୍ଧ ସମୟରେ ଦୁଃଖୀ ହେବ ନାହିଁ ।

# ଆଜିକାଲି



ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ :ହେ ଧନଞ୍ଜୟ ! ତୁମେ ଆସକ୍ତି ତ୍ୟାଗ କରି କର୍ମ କର । ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖ ଯୋଗସ୍ଥ ହୋଇ କର୍ତବ୍ୟ କର୍ମ କର । ଏହା ସମଜ୍ଞାନ । ଏହି ସମତ୍ୱକୁ ହିଁ ଯୋଗ କୁହାଯାଏ ।

## ଆର୍ଥିକ କ୍ଷେତ୍ରରେ ଓଡ଼ିଶା ଏକ ନମ୍ବର

ରାଜ୍ୟ ପାଇଁ ଆଉ ଏକ ବଡ଼ ଖବର । କୋଭିଡ୍ ପରବର୍ତୀ ପରେ ଓଡ଼ିଶାର ଅର୍ଥନୈତିକ ସୁଧାର କ୍ଷେତ୍ରରେ ବଢ଼ିବଢ଼ି ଚାଲିଛି । ୨୦୨୦ କୋଭିଡ୍ ମହାମାରୀ ବ୍ୟାପକ ହେବା ପରେ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଦ୍ୱିତୀୟ ବର୍ଷ (୨୦୨୧) ଆହୁରି ଅଧିକ ହେବାକୁ ଯାଇଥିଲା । ୨୦୨୦-୨୧ରୁ ୨୦-୨୪-୨୪ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶା ବେଶ ଅଭିବୃଦ୍ଧି କ୍ଷେତ୍ରରେ ଆଗେଇଥିଲା । ଏବେ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ି ଦେଶର ଅନ୍ୟ ରାଜ୍ଯ ଅପେକ୍ଷା ସବୁଠାରୁ ଆଗରେ ରହିଛି । ଏହା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଏକ ଶୁଭ ଖବର ବୋଲି କହିବାକୁ ହେବ । ସମୀକ୍ଷାରୁ ଯାହା ଜଣାପଡ଼ିଛି ଅର୍ଥନୈତିକ ସୁଧାର କ୍ଷେତ୍ରରେ ଓଡ଼ିଶା ୭-୨ ପ୍ରତିଶତ । ଏହା ପଛକୁ ଆସାମ ୫.୨ ପ୍ରତିଶତ, ତାମିଲନାଡୁ ୭.୬% ଏହାପରେ କର୍ଣ୍ଣାଟକ, ଗୁଜୁରାଟ ଓ ରାଜସ୍ଥାନ ଆଗରେ ଅଛି । ଏହି ଦୃଷ୍ଟିରୁ ବିଚାର କଲେ ଏହା ରାଜ୍ୟ ସରକାରଙ୍କ ପାଇଁ ଅତ୍ୟନ୍ତ ଖୁସି ଖବର । ବିଶେଷ କରି ବିଜେପି ସରକାର ରାଜ୍ୟ କ୍ଷମତା ହାସଲ କରିବା ପରେ ମାତ୍ର ବର୍ଷେ ନ ପୁରୁଣୁ ଅର୍ଥନୈତିକ କ୍ଷେତ୍ରରେ ସମଗ୍ର ଦେଶରେ ୧ ନମ୍ବର ସ୍ଥାନ ଅଧିକାରୀ କରିଛି । କେବଳ ଆର୍ଥିକ ନୁହେଁ କୃଷି, ସ୍ୱାସ୍ଥ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ କ୍ରମଶଃ ରାଜ୍ୟ ଆଗେଇ ଚାଲିଛି । ଡବଲ ଇଂଜିନ ସରକାରରେ କେନ୍ଦ୍ର ସରକାରଙ୍କ ସହଯୋଗ ଯୋଗୁଁ ରାଜ୍ୟ ଆଗେଇ ଚାଲିଛି । ଆର୍ଥିକ ଅବସ୍ଥା ସୁଦୃଢ଼ ହେଲେ ଦେଶର ଆର୍ଥିକ ସ୍ଥିତି ସଂଭବ ହେବ । ରାଜ୍ୟ ସରକାର କ୍ଷମତାକୁ ଆସିବା ପରେ ଆର୍ଥିକ ଅବସ୍ଥା ସୁଧାର ଏବେ ୧ ନମ୍ବରରେ ପହଂଚିଛି । ଆମେ ଆଶା କରୁଛୁ ଏହି ଆର୍ଥିକ ସୁଧାର ଆଗକୁ ନିଶ୍ଚିତ ହେବ ଏବଂ ରାଜ୍ୟର ସବୁ ପୁରପଲ୍ଲୀରେ ସମୃଦ୍ଧ ହେବ ଏହା ସୁନିଶ୍ଚିତ

## ‘ଗାନ୍ଧୀ’ ଅଭିନୟ ପାଇଁ ବେନ୍ କିଙ୍ଗସ୍ଲିଙ୍କୁ ‘ଓସ୍କାର’



ରିଚର୍ଡ ଆଟେନ୍‌ବରୋଙ୍କ ‘ଗାନ୍ଧୀ’ (୧୯୮୨) ଚଳଚ୍ଚିତ୍ରରେ ମହାତ୍ମା ଗାନ୍ଧୀଙ୍କ ଭୂମିକାରେ ନିଖୁଣ ଅଭିନୟ କରିଥିବା ବେନ୍ କିଙ୍ଗସ୍ଲିଙ୍କୁ ୧୯୮୩ ମସିହର ଏପ୍ରିଲ ୧୧ ତାରିଖରେ ଶ୍ରେଷ୍ଠ ଅଭିନେତା ରୂପେ ‘ଓସ୍କାର’ ପୁରସ୍କାର ପ୍ରଦାନ କରାଯାଇଥିଲା । ଗାନ୍ଧୀ ଚରିତ୍ରରେ ଅଭିନୟ ପାଇଁ ତାଙ୍କୁ ବାଫ୍‌ଟା, ଗୋଲ୍‌ଡେନ୍ ଗ୍ଲୋବ୍ ପୁରସ୍କାର ମଧ୍ୟ ମିଳିଥିଲା । ୧୯୮୪ ମସିହାରେ ଭାରତ ସରକାରଙ୍କ ତରଫରୁ ତାଙ୍କୁ ‘ପଦ୍ମଶ୍ରୀ’ ପୁରସ୍କାର ଦିଆଯାଇଥିଲା । ବେନ୍‌ଙ୍କ ପିତା ରହିମତୁଲ୍ଲା ଭାନଜୀ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବା ବେଳେ ମାତା ଆନା ମାରି ଥିଲେ ଜଣେ ବ୍ରିଟିସ୍ ଅଭିନେତ୍ରୀ ।

# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ



◆ ଡାକ୍ତର କାନ୍ତୀ ନାୟକ




ନିରାପଦ ମାତୃତ୍ୱ ଦିବସ

ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ । ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତି ନେଇଥିଲେ । ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ । ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ । ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ । ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ । ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ । ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି । ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି । ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା । ଖୁବ୍ କମ୍ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି । ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ । ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ । କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ । ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍‌ଣ ସମସ୍ୟାକୁ ସାମ୍ନା କରିଥାଏ । ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା । ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ । ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇ ପଡ଼ିଥାନ୍ତି । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ,□ମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି । ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତିରେ ଚିକିତ୍ସା ପ୍ରଦାନ କରାଯାଉଛି । ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି । ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତୀ ଅଂଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି । ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି । ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହଂଚ□ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି । କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି । ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ । ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ । ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଂଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା । ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା ।

*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ: ୯୪୩୭୬୬୬୪୫୩*

# ଛେନାପୋଡ଼ ଦିବସ




◆ ରବିନାରାୟଣ ପଟ୍ଟନାୟକ

ପ୍ରତି ଓଡ଼ିଆଙ୍କ ପ୍ରିୟ ଛେନାପୋଡ଼ । ପିଲାଠୁ ବୁଢା ସଭିଁଏ ଛେନାପୋଡ଼ ଖାଇବାକୁ ଭାରି ପସନ୍ଦ କରିଥାଆନ୍ତି । ଆଉ ଆଜି ହେଉଛି ‘ଛେନାପୋଡ଼ ଦିବସ’ । ମିଠା, ନାଁ ଶୁଣୁ ଶୁଣୁ ନା ନା ପ୍ରକାରର ସ୍ୱାଦିଷ୍ଟ ମିଠା ମନକୁ ଆସିଯାଏ । ଓଡିଆଙ୍କ ପରମ୍ପରା ତ ପିଠା ଆଉ ମିଠାରୁ ଜଣା ପଡିଯାଏ । ପଖାଳ ଦିବସ, ରସୋଗଲା ଦିବସ ଭଳି ଆଜି ହେଉଛି ଛେନା ପୋଡ ଦିବସ । ଛେନାପୋଡ ନାଁ ଶୁଣିଲେ ପାଟିରେ ପାଣି ଆସିଯାଏ । ଥରେ ଯିଏ ଏହାର ସ୍ୱାଦ ପାଇଛି ଆଉ ଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ । ପିଲାଠୁ ବୁଢା ସମସ୍ତଙ୍କ ପସନ୍ଦ ଛେନାପୋଡ । ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ି କରି ତିଆରି କରାଯାଇଥିବା ଛେନାରେ ପ୍ରସ୍ତୁତ ଏକ ମିଠା । ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଏ । ଛେନାପୋଡ଼ ହେଉଛି ଗୋଟିଏ ଓଡ଼ିଆ ମିଠା । ଯାହା ଛେନା, ଚିନି, ସୁଜି, କାଜୁ, କିସମିସ ବ୍ୟବହାର କରି ତିଆରି କରାଯାଏ । ଛେନାପୋଡ଼ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା । ଛେନାକୁ ପୋଡ଼ି ତିଆରି କରାଯାଇଥିବା ମିଠା । ଛେନା ବାଦାମୀ ହେବା ପର୍ଯ୍ୟନ୍ତ ଏହାକୁ ପୋଡ଼ାଯାଇଥାଏ ।ଛେନାପୋଡ଼ କଥା ଆସିଲେ ପାଟିରୁ ଲାଳ ଗଡ଼ିଯାଏ । ଦେଖିଲେ ମନ ହୁଏ ଖାଇବା ପାଇଁ । କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ତିଆରି ହୁଏ ସୁଆଦିଆ ଛେନାପୋଡ଼ । ଭାଗମାପରେ ଟିକିଏ ବ୍ୟତିକ୍ରମ ହେଲେ ସବୁ କିଛି ନଷ୍ଟ ହୋଇଯିବାର ଆଶଙ୍କା ମଧ୍ୟ ରହିଛି । ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ ଶହଶହ କେଜି ଛେନାପୋଡ଼ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଇଥାଏ । କାରଣ ବେଶ୍ ନାଁ ରହିଛି ନୟାଗଡ଼ ଛେନାପୋଡ଼ର । ଓଡ଼ିଶା ସମେତ ବାହାର ରାଜ୍ୟରେ ମଧ୍ୟ ଏବେ ଛେନାପୋଡ଼ର ଚାହିଦା ଖୁବ୍ ରହିଛି । ଛେନାପୋଡ କଥା ଆସିଲେ ସମସ୍ତେ ପ୍ରାୟ ନୟାଗଡ କଥା ଭାବନ୍ତି ମାତ୍ର ଏବେ ଛେନାପୋଡ ଖାଲି ନୟାଗଡର ନୁହେଁ ସମଗ୍ର ଓଡିଶାର ପରିଚୟ ହୋଇଛି । ନୟାଗଡ଼ରୁ ସୃଷ୍ଟି ଏହି ଛେନାପୋଡ଼କୁ ଏବେ ବିଶ୍ୱସ୍ତରୀୟ କରିବାକୁ ଅଂଟା ଭିଡିଛନ୍ତି ସମସ୍ତେ । ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରୁଛନ୍ତି ସମସ୍ତେ । ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ପୋଷୁଥିଲେ । ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା । ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ କିଛି ଚିନି ଓ କିଛି ଚାଉଳ ଚୁନା ମିଶାଇ ରଡ଼ ନିଆଁରେ ଛେନାକୁ ପୋଡ଼ିଦେଇଥିଲେ । ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା । ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା । ପରେ ଏହା ପିଠାରୁ ମିଠା ପାଲଟିଥିଲା । ଖୁବ୍ କମ୍ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ବେଶ ନାଁ କରିଥିଲା । ବର୍ତମାନ ଯଦିଓ ରାଜ୍ୟ ତଥା ରାଜ୍ୟ ବାହାରେ ଛେନାପୋଡ଼ ମିଳୁଛି ତେବେ ନୟାଗଡ଼ ଛେନାପୋଡ଼ର ଆଦର କମିନାହିଁ ।



*ପଟିଆ, ଭୁବନେଶ୍ୱର ,୯୯୩୭୭୭୩୭୭୭*


# କସ୍ତୁରବା ଗାନ୍ଧୀ



୧୮୬୯ ଏପ୍ରିଲ ୧୧ ତାରିଖ ଦିନ ପୋର ବନ୍ଦରର ଏକ ଧନୀ ବ୍ୟବସାୟୀଙ୍କ କନ୍ୟା ଭାବେ ଜନ୍ମ ହୋଇଥିଲେ କସ୍ତୁରବା କପାଡ଼ିଆ । ମହାତ୍ମା ଗାନ୍ଧୀ ଓ କସ୍ତୁରବାଙ୍କ ପରିବାର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା । ୧୮୮୩ ମସିହାରେ କସ୍ତୁରବା ୧୪ ବର୍ଷର ଓ ମହାତ୍ମା ୧୩ ବର୍ଷର ହୋଇଥିବା ବେଳେ ଉଭୟ ପରିବାର ସେମାନଙ୍କ ବିବାହ କରି ଦେଇଥିଲେ । ବିବାହ ପୂର୍ବରୁ କସ୍ତୁରବା ପାଠ ପଢ଼ି ନଥିଲେ ତେଣୁ ମୋହନଦାସ ତାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରିଥିଲେ । ବିବାହର ଛଅ ବର୍ଷ ପରେ ହରିଲାଲ ଜନ୍ମ ହୋଇଥିଲେ । ପରେ ମଣିଲାଲ (୧୮୯୨), ରାମଦାସ (୧୮୯୭) ଓ ଦେବଦାସ (୧୯୦୦) ଜନ୍ମ ହୋଇଥିଲେ । ୧୮୮୮ରେ ଗାନ୍ଧୀ କସ୍ତୁରବା ଓ ପୁତ୍ରଙ୍କୁ ଭାରତରେ ଛାଡ଼ି ଅଧ୍ୟୟନ ପାଇଁ ଲଣ୍ଡନ ଯାଇଥିଲେ । ଗାନ୍ଧୀ ୧୮୯୬ରେ ଭାରତ ଫେରି ସପରିବାର ଦକ୍ଷିଣ ଆଫ୍ରିକା ଚାଲି ଯାଇଥିଲେ । ସେଠାରେ କସ୍ତୁରବା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ପ୍ରଥମ ଥର ରାଜନୈତିକ ଓ ସାମାଜିକ କାର୍ଯ୍ୟରେ ସାମିଲ ହୋଇଥିଲେ । ୧୯୦୪ରେ ଡର୍ବାନ ଠାରେ ଫିନିକ୍ସ ଆଶ୍ରମ ଖୋଲି ଏହାକୁ ଚଳାଇବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଗାନ୍ଧୀ ପରିବାର କିଛି ବର୍ଷ ଧରି ସେଠାରେ ରହିଥିଲେ । ୧୯୧୩ରେ ଭାରତୀୟ ପ୍ରବାସୀଙ୍କ ପ୍ରତି ଦୁର୍ବବ୍ୟହାର ପ୍ରତିବାଦରେ ଆନ୍ଦୋଳନ କରି କସ୍ତୁରବା ପ୍ରଥମ ଥର ଗିରଫ ହୋଇଥିଲେ । ଦକ୍ଷିଣ ଆଫ୍ରିକାରେ ଥିବା ସମୟରେ ହିଁ ତାଙ୍କର ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା । ଏହା ସତ୍ତ୍ୱେ ୧୯୧୪ରେ ଭାରତ ଫେରି ମହିଳା ମାନଙ୍କ ନେତୃତ୍ୱ ନେବା ଠାରୁ ଆରମ୍ଭ କରି ଗାନ୍ଧୀଙ୍କ ଅନୁପସ୍ଥିତିରେ ତାଙ୍କର ଭୂମିକା ତୁଲାଉଥିଲେ । କସ୍ତୁରବାଙ୍କ ଅଧିକାଂଶ ସମୟ ବିଭିନ୍ନ ଆଶ୍ରମରେ ସେବା କରିବାରେ କଟୁଥିଲା । ସେ ବିଭିନ୍ନ ଆନ୍ଦୋଳନରେ ଯୋଗ ଦେଇ ଅନେକ ଥର କାରାବରଣ କରିଥିଲେ । ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଗିରଫ ହେବା ପରେ ପୁନେର ଆଗା ଖାନ୍ ପ୍ୟାଲେସ୍‌ରେ ଅନ୍ୟାନ୍ୟ ସଂଗ୍ରାମୀଙ୍କ ସହ ବନ୍ଦୀ ରହିଥିଲେ । କ୍ରମେ ସ୍ୱାସ୍ଥ୍ୟରେ ଅବନତି ଘଟି ୧୯୪୪ ଫେବୃଆରୀ ୨୨ ତାରିଖରେ ବନ୍ଦୀ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା

# ମାଆଙ୍କ ବିଶ୍ୱାସ

◆ ଦେବଦତ ବିଶ୍ୱାଳ



ଆମେମାନେ ଯେତେବେଳେ କୌଣସି ଏକ ଦୁର୍ଘଟଣା ବା କଷ୍ଟକୁ ସାମ୍ନା କରୁ ଆମ ପାଟିରୁ ବାହାରି ଆସେ ‘ମାଆଲୋ’ । ବାସ୍ତବିକ ମାଆର ପଣତ କାନି ଯେ ପ୍ରତିଟି ପିଲାର ସୁରକ୍ଷା ସଶକ୍ତ କବଚ ଅନେକ ଜାଣିନଥାନ୍ତି । ବାପ-ମାଆଙ୍କ ଠାରୁ ଶ୍ରେଷ୍ଠ ମୂର୍ତିମନ୍ତ ଓ ଜୀବନ୍ତ ଭଗବାନ ଆମ ପାଇଁ ଆଉ କିଏ ଅଛନ୍ତି କି ? ଜଣେ ତା ଜୀବନରେ ବାପ-ମାଆଙ୍କୁ ଯଦି ଖୁସି ଓ ସୁଖ ପ୍ରଦାନ କରିପାରୁଛି ତାହାଲେ ତା ପାଖରେ ଭଗବାନଙ୍କ ସମସ୍ତ ଆଶୀର୍ବାଦ ଆପଣା ଛାଏଁ ମିଳିଯିବ । ମାଆଙ୍କ ବିଶ୍ୱାସର ପ୍ରସଙ୍ଗକୁ ନେଇ ଆଜିର ଆଧ୍ୟାତ୍ମିକ ଆଲୋଚନାଟି ରଖୁଛୁ । ଯୋଗାନନ୍ଦ ପରମହଂସଙ୍କ ନାମ ଭାରତ ତଥା ବିଦେଶମାନଙ୍କରେ ସୁପରିଚିତ । ତାଙ୍କୁ ଦ୍ୱିତୀୟ ବିବେକାନନ୍ଦ ବୋଲି କୁହାଯାଏ । ବିଦେଶରେ ତଥା ଭାରତରେ ଅମର ସଂସ୍କୃତିକୁ ପୁନଃ ପ୍ରଚଳନ କରାଇବାରେ ତାଙ୍କର ବହୁ ଅବଦାନ । ସେ ଆମ ଦେଶରେ ତଥା ଦେଶ ବାହାରେ ହଜାର ହଜାର ଶିଷ୍ୟଙ୍କ ଦ୍ୱାରା ପୂଜା ପାଉଛନ୍ତି । ସେ ଆମର ଗୌରବ ବୃଦ୍ଧି କରାଇ ନିଜକୁ ତଥା ଆମ ଦେଶକୁ ପୃଥିବୀର ଗୁରୁ କରାଇ ପାରିଛନ୍ତି । ତାଙ୍କ ପିଲାବେଳ କଥା । ଥରେ ସେ ସାଙ୍ଘାଂତିକ ବେମାର ପଡ଼ିଲେ । ତାଙ୍କ ବାପା ଜଣେ ଉଚ୍ଚ ପଦସ୍ଥ ଅଫିସର ଥିଲେ । ସେ ବହୁ ଅର୍ଥ ଖର୍ଚ୍ଚ କରି ଡାକ୍ତର ଲଗାଇ କୌଣସି ଥିରେ ରୋଗ ଭଲ କରାଇ ପାରିଲେ ନାହିଁ । ଦିନକୁ ଦିନ ଯୋଗାନନ୍ଦଙ୍କର ଅବସ୍ଥା ଖରାପ ଆଡ଼କୁ ଗତି କଲା । ମାଆ ତାଙ୍କ ବିଛଣା ପାଖରେ ରାତି ରାତି ଜଗି ବସନ୍ତି । ଜୀବନ ସଙ୍କଟାପନ୍ନ । ସବୁ ଆଉ ନିରାଶ ହୋଇ ବାପା ମାଆ ହତାଶ ହୋଇ ପଡ଼ିଥାନ୍ତି । ତା ବାପା ଓ ମାଆ ଉଭୟ ସେ ସମୟର ପ୍ରସିଦ୍ଧ ଗୁରୁ ଲାହିରି ମହାଶୟଙ୍କ ଶିଷ୍ୟ ଥିଲେ । ଯୋଗାନନ୍ଦଙ୍କ ଶୋଇବା ଘରେ ଲାହିରି ମହାଶୟଙ୍କୁ ଗୋଟିଏ ଛୋଟ ଫଟ ଟଙ୍ଗା ହୋଇଥାଏ । ସେଇ ଆଡ଼କୁ ଚାହିଁ ମାଆ ତାଙ୍କୁ କହିଲେ, ‘ପୁଅରେ ମୋ ମନରେ ବିଶ୍ୱାସ ଆସୁଛି ତୁ ଯଦି ମୋ ଗୁରୁଙ୍କୁ ପ୍ରାର୍ଥନା କରିବୁ ସେ ତୋ ଜୀବନ ରକ୍ଷା କରିଦେଇ ପାରନ୍ତି ।’ ସେତେବେଳକୁ ବିଛାଣାରୁ ଉଠିବା କଥା ଦୂରେ ଥାଉ ସେଇ ବିଛଣାରେ ଥାଇ, ହାତ ଉଠାଇ ପ୍ରାର୍ଥନା କରିବାକୁ ମଧ ତାଙ୍କ ଶକ୍ତି ନଥାଏ । ମାଆଙ୍କ କଥା ଶୁଣି ସେ କେବଳ ଗୁରୁଙ୍କ ଫଟୋକୁ ଚାହିଁ ମନେ ମନେ ପ୍ରାର୍ଥନା ଜଣାଇଲେ । ସେଇ ଶଯ୍ୟାରେ ଥାଇ ସେ ଦେଖିଲେ ଯେ ଗୁରୁଙ୍କ ଫଟୋରୁ ଏକ ଉଜ୍ଜଳ ଆଲୋକ ବାହାରି ତାଙ୍କ ଛୋଟ ଶରୀରଟିକୁ ଆବୃତ କରି ପକାଉଛି ତାପର ମୁହୂର୍ତରୁ ତାଙ୍କୁ ଭଲ ଲାଗିଲା, ହାତ ହଲାଇ ପାରିଲେ, ପାଟି ଖୋଲି କଥା କହିବାକୁ ଶକ୍ତି ଆସିଲା, ବିଛଣାରୁ ଉଠି ବସିବାକୁ ମଧ ବଳ ଆସିଲା । ସେ ଦେଖିଲେ ଯେ ତାଙ୍କ ମାଆ ବିଛଣା ପାଖରୁ ଉଠିଯାଇ ତାଙ୍କ ଗୁରୁଦେବଙ୍କ ଫଟୋ ପାଖରେ ମଥା ଗୁଞ୍ଜି କାନ୍ଦୁରେ ବାରମ୍ବାର ମଥା ଲଗାଇ ପ୍ରଣାମ କରୁଛନ୍ତି । ଯୋଗାନନ୍ଦ ଜାଣି ପାରିଲେ ଯେ ସେ ଯେଉଁ ଉଜ୍ଜଳ ଆଲୋକ ଦେଖିଛନ୍ତି ତାଙ୍କ ମାଆ ମଧ୍ୟ ତାକୁ ଦେଖି ପାରିଛନ୍ତି । ଗୁରୁଦେବଙ୍କୁ କୃତଜ୍ଞତା ଜଣାଇବା ପୂର୍ବରୁ ଯୋଗାନନ୍ଦ ବିଛଣାରୁ ଉଠି ମାଆଙ୍କ ପାଦ ତଳେ ପଡ଼ି ତାଙ୍କୁ ନିଜର ପ୍ରଣତି ଜଣାଇ କହିଲେ ମାଆ, ତୁମ ଗୁରୁଙ୍କ ଉପରେ ଥିବା ତୁମର ଦୃଢ଼ ବିଶ୍ୱାସ ଯୋଗୁଁ ମୁଁ ଆଜି ଜୀବନ ପାଇଲି ।’

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ: ୯୮୬୧୯୪୪୫୯୪*


# ମାଆ ପାଇଁ

◆ ତ୍ରିନାଥ ଓଝା



ଆଜିର ସମୟରେ ଆମ୍ଭମାନଙ୍କୁ ଦୁନିଆକୁ ଏବଂ ଦୁନିଆର ଆଲୋକ ଦେଖାଇ ଥିବା ବାପାମାଆଙ୍କ ଠାରୁ ବଡ଼ ଭଗବାନ କେହି ନାହାଁନ୍ତି । ଏହି କ୍ରମରେ ଏକ ଆଧ୍ୟାତ୍ମିକ ପୁସ୍ତକର ଘଟଣାକ୍ରମ ମୋର ମନେପଡ଼ିଯାଉଛି ରାଜାଙ୍କ ଶୟନ କକ୍ଷକୁ ଲାଗିଥିବା ଛୋଟ କୋଠରୀଟିରେ ତାର କାମ । ଚାକିରୀ ପାଇଁ ଯୋଗ୍ୟ ବିବେଚିତ ହେବା ଲାଗି ବର୍ତମାନ ତାଲିମ ପାଉଛି ସେ । ଯେତିକି କାମ ଓ ଯେମିତି କାମ, ସେତିକି ପଇସା । ରାତିରେ ଜଗିବା କାମ ତାହାର । ରାଜାଙ୍କୁ କିନ୍ତୁ ନିଦ ନାହିଁ । ଘଂଟି ବଜାଇଲେ ରାଜା ଖଣ୍ଡେ ବହି ଉଦ୍ଦେଶ୍ୟରେ । କିନ୍ତୁ କେହି ଶୁଣିଲେ ନାହିଁ । ଜଗୁଆଳୀ ଶୋଇ ପଡ଼ିଛି ବୋଧେ । ରାଜା ଆଉ ଥରେ ଘଂଟି ବଜାଇଲେ । ତଥାପି କେହି ଶୁଣୁ ନାହାନ୍ତି । ବ୍ୟସ୍ତ ହୋଇ ତୃତୀୟ ଥର ଜୋରରେ ଘଂଟି ଦେଲେ ରାଜା । ଆଶ୍ଚର୍ଯ୍ୟ, କ’ଣ ହୋଇପାରେ ଏହାର ରହସ୍ୟ ? ଶଯ୍ୟାରୁ ଉଠି ଝରକା ଜଳାବାଟେ ରାଜା ଉଣ୍ଡି ଦେଖିଲେ ବାଳକ ଭୃତ୍ୟଟିଏ ଅତି ସୁଖ ନିଦ୍ରାରେ ଅଭିଭୁତ । ଜଳୁଛି ଗୋଟିଏ ମହମ ବତୀ ଓ ତା ପାଖରେ ଖଣ୍ଡେ ଅସମାପ୍ତ ଚିଠି । କୌତୁହଳ ବଶତଃ ରାଜା ବାହାରକୁ ଆସି ପଢ଼ିଲେ ଚିଠିଟି । ସେଥିରେ ଲେଖା ଥିଲା, ‘ପରମ ପୂଜ୍ୟା ମା’, ରାତି ଅନିଦ୍ରା ରହି ଜଗୁଆଳୀ କାମ କରିବାକୁ ସ୍ୱଇଚ୍ଛାରେ ମୁଁ ଆଜି ତୃତୀୟ ରାତି ମଧ ଆସିଛି । ରାତି ଅନିଦ୍ରା ଆଉ ସମ୍ଭାଳି ହେଉନାହିଁ, ତଥାପି ମୋର ଆନନ୍ଦର ସୀମା ନାହିଁ ମାଆ । ଏ ତିନି ଦିନ କାମ କରି ଯେଉଁ ୧୨ ଟଙ୍କା ମୁଁ ରୋଜଗାର କରିଛି, ତାହା ତୁଳନାରେ ଏ କଷ୍ଟ କିଛି ନୁହେଁ । ଟଙ୍କା ପଠାଇଲି, ଏହା ଦ୍ୱାରା ତୋର କିଛିଟା ଅଭାବ ତ ପୂରଣ ହୋଇପାରିବ । ରାଜା ଥରେ ପିଲାଟିର ମୁହଁକୁ ଦେଖୁଥାନ୍ତି । କୋମଳ ବାଳକଟିର ମାଆ ପ୍ରତି ଥିବା ନିର୍ମଳ ପ୍ରେମ ରାଜାଙ୍କୁ ଅଭିଭୁତ କଲା । ସେ ନିଜ କକ୍ଷକୁ ଫେରି ଯାଇ ଆଉ କିଛି ଟଙ୍କା ଆଣି ପିଲାଟି ପକେଟରେ ରଖି ଦେଲେ । ସେ ଭାବିଲେ ଏ ଟଙ୍କା ତକ ମଧ ସେ ତା ମାଆ ପାଖକୁ ପଠାଇ ଦେଉ । କିଛି ସମୟ ପରେ ପିଲାଟିର ନିଦ ଭାଙ୍ଗିଲା । ପକେଟରେ ଥିବା ଅଧିକ ଟଙ୍କା କୁଆଡୁ ଆସିଥାଇ ପାରେ, ଭାବି ଭାବି ସେ କଥାଟା ବୁଝିଗଲା । ପ୍ରତ୍ୟୁଷରୁ ରାଜାଙ୍କ ଆଗମନକୁ ଅପେକ୍ଷା କରି ବସିଥାଏ ସେ । ରାଜ ନିଜ କୋଠରୀରୁ ବାହାରିଲା ବେଳକୁ ସେ ଦୌଡ଼ିଯାଇ ରାଜାଙ୍କ ପାଦତଳେ ଆଣ୍ଠେଇ ପଡ଼ି, କର୍ତବ୍ୟରେ ଅବହେଳା କରି ଥିବା ଯୋଗୁ କ୍ଷମା ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ତାଙ୍କ ଠାରୁ ପାଇଥିବା ଅଯାଚିତ ଉପହାର ପାଇଁ ମଧ କୃତଜ୍ଞତା ଜ୍ଞାପନ କଲା । ନିଜର ଗରିବ ମାଆ ପ୍ରତି ତା ହୃଦୟର ଭାବକୁ ପ୍ରଶଂସା ନକରି ରାଜା ରହିପାରିଲେ ନାହିଁ । ସେହିଦିନ ଠାରୁ ରାଜାଙ୍କ ଦୟାରୁ ତାକୁ ଆହୁରି ବଡ଼ ଦାୟିତ୍ୱକୁ ପଦୋନ୍ନତି ଦିଆଗଲା । ସେ ମଧ ତାର ଦାୟିତ୍ୱ ଓ କର୍ତବ୍ୟ ରାଜାଙ୍କର ଅତି ବିଶ୍ୱସ୍ତ କର୍ମଚାରୀ ଭାବେ ଓ ଈଶ୍ୱରଙ୍କ ପ୍ରତି ଅନୁରକ୍ତ ହୋଇ ସମ୍ପାଦନ କଲା ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ :୯୨୩୮୬୦୨୮୨୫*





# ମହାବିଷୁବ ସଂକ୍ରାନ୍ତି ପାଇଁ ପ୍ରଚାର ସମିତିର ଆଲୋଚନା ଚକ୍ର



ଭଦ୍ରକ : ଆସନ୍ତା ତା ୧୪.୪.୨୦୨୬ରିଖ ମଙ୍ଗଳବାର ଦିନ ମହାବିଷୁବ ସଂକ୍ରାନ୍ତି ଓଡ଼ିଶାରେ ଘରେ ଘରେ ପାଳିତ ହେବାକୁ ଯାଉଛି । ବିଭିନ୍ନ ଶାସ୍ତ୍ର ଗୁଡ଼ିକରେ ଏହାକୁ ସନାତନୀୟ ଆର୍ଯ୍ୟ ସଂସ୍କୃତି ନବବର୍ଷ ବୋଲି ଧରାଯାଉଥିଲେ ହେଁ ଆମ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏହାକୁ ଉତ୍କଳୀୟ ଚେତନା ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଏହାକୁ ଭଦ୍ରକସ୍ଥ ସନ୍ଥିଆ ପ୍ରାଚୀନ କିମ୍ବଦନ୍ତି ବହନ କରିଥିବା ଶ୍ରୀମଦନ ମୋହନ ଜୀୟୁ ମଠ ପ୍ରାଙ୍ଗଣରେ ପାଳନ କରାଯିବ । ଏହି ସମାରୋହ ଉପଲକ୍ଷେ ପ୍ରଚାର ସମିତିର ଏକ ଆଲୋଚନା ବୈଠକ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ଶ୍ରୀ ଶରତ କୁମାର ସାହୁ, ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ସମିତିର ପୂର୍ବ ବୈଠକର ବିବରଣୀ, ଆୟବ୍ୟୟ ଓ ମହାବିଷୁବ ସଂକ୍ରାନ୍ତିର ପ୍ରଚଳିତ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ । ଏହି ବୈଠକରେ ଶ୍ରୀ ମଦନ ମୋହନ ଜୀୟୁଙ୍କ ମଠାଧିଶ ଶ୍ରୀ ଆଶିଷ କୁମାର ଗୋସ୍ୱାମୀ, ସହ ଆବାହକ ଶ୍ରୀ ବାବୁଲାଲ ଦାସ, ଆଧାତ୍ମବାଦୀ ଶ୍ରୀ ଭାଗବତ ପୁହାଣ, ଅବସରପ୍ରାପ୍ତ ଅଧକ୍ଷ ଶ୍ରୀ କୃପାସିନ୍ଧୁ ନାୟକ, ଅଧାପକ ଡ଼. ପ୍ରତାପ କୁମାର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଶ୍ରୀ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ବଳ, ଧର୍ମପ୍ରାଣ ଶ୍ରୀମତୀ ପୁଷ୍ପଲତା ପଣ୍ଡା, ଶ୍ରୀମତୀ ଶକୁନ୍ତଳା ପଣ୍ଡା ପ୍ରମୁଖ ବହୁ ସେବକ ସେବିକା ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଖଦ୍ୟୋତ ତରଫରୁ ପୁରସ୍କାର ବିତରଣୀ ଉତ୍ସବ ଶିଶୁ ମନର ବିକାଶ ପାଇଁ ଖଦ୍ୟୋତର ପ୍ରୟାସ

ବଲାଙ୍ଗିର : ମାଲପଡା ସ୍ଥିତ ଖଦ୍ୟୋତ ଅନୁଷ୍ଠାନ ତରଫରୁ ଶିଶୁମାନଙ୍କର ମନର ବିକାଶ ପାଇଁ ଏକ ଗୀତ, ଡ୍ରଇଂ, ଡେନ୍ସ କାର୍ଯ୍ୟକ୍ରମ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ଉପସଭାପତି ଡ. ରବିଚନ୍ଦ୍ର ପଶାୟତ ନିକଟରେ ମାୟାବର୍ହା ଉଚ୍ଚ ବିଦ୍ୟାଳରୁ ଅବସର ନେଇଥିବାରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପାଦକ ଆକୁଳ ବେହେରା ଗତ ବୈଠକ ର ବିବରଣୀ ପାଠ କଲା ପରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଂଚାନନ ସେଠ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଡ୍ରଇଂ ରେ ନେତିକ ନୟନ ଦାଶ, ଯଶରାଜ ବିନ, ଦିୟାଂଶି ମହାନ୍ତି, ସିକୃତି ମିଶ୍ର, ସମର୍ପିତା ବାରିକ, ଅନିମେଶ ମହାନ୍ତି, ଦେବାସ୍ମିତା ନାଏକ, ସାଇକୃଷ୍ଣ ମହାନ୍ତି, ସ୍ୱନ୍ଦିତା ରଥ ଓ ରଂଗୋଲିରେ ମଧୁସ୍ମିତା କର୍ଣ୍ଣ, ଅଧାପିକା ନିମ୍ରତା ପାଣିଗ୍ରାହୀ, ସବିତା ବାରିକ, ଗୀତାଞ୍ଜଳି ବିରତିଆ, ପଦ୍ମିନୀ ନାଏକ ପ୍ରମୁଖଙ୍କୁ ପଦକ ଓ ମାନଚିତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଋଷିପୀଠ ଯୋଗୀମଠ ମହୋତ୍ସବ - ୨୦୨୬ ପାଳନ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ

ନୂଆପଡ଼ା (ନି.ପ୍ର) : ନୂଆପଡ଼ା ଖଡିଆଳ ସହର ପୂର୍ବକୁ ୧୦ କିଲୋ ମିଟର ଦୂରତାରେ ସୁନ୍ଦର ଏବଂ ଅଇରୀ ନଦୀର ଅବବାହିକାରେ ଗଢ଼ି ଉଠିଥିଲା ଏକ ପ୍ରାଚୀନ ମନୁଷ୍ୟ ପାଦ ଚିହ୍ନ ଥିବା ଐତିହାସିକ କିମ୍ବଦନ୍ତୀ । ଆଜିବି ମନୁଷ୍ୟ ପାଦ ଚିହ୍ନ ଥିବା ପ୍ରାଚୀନ ଶିଳାଲିପି ବର୍ତମାନ ବି ମୁକ ସାକ୍ଷୀ ରୂପେ ଦଣ୍ଡାୟମାନ । ଏହି ଐତିହ୍ୟ ବୈଭବ କୁ ଉଜ୍ଜୀବିତ କରିବା ପାଇଁ ଋଷିପୀଠ ଯୋଗୀମଠ ମହୋତ୍ସବ - ୨୦୨୬ ପାଳନ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ । ତୁକଲା କଲେଜ୍ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ କମିଟି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରିଛନ୍ତି । ଆସନ୍ତା ଏପ୍ରିଲ ୧୦




, ୧୧ , ୧୨ ଓ ୧୩ ତାରିଖ ୪ ଦିନ ବ୍ୟାପି କଳା, ସାହିତ୍ୟ, ସଂସ୍କୃତି, ଐତିହ, ଓ ପରମ୍ପରା କୁ ନେଇ ଋଷିପୀଷ୍ଠ ଯୋଗୀମଠ ମହୋତ୍ସବ - ୨୦୨୬ ପାଳିତ ହେବ । ସମସ୍ତ ସାମ୍ବାଦିକଙ୍କୁ ଅନୁରୋଧ ଆବଶ୍ୟକ ପାଇଁ କମିଟି ପକ୍ଷ ରୁ ପ୍ରଚାର ଓ ପ୍ରସାର ପାଇଁ ଆହ୍ୱାନ କରିଥିଲେ ।ପ୍ରଥମ ବର୍ଷ ପାଇଁ ଅନୁଷ୍ଠିତ ମହୋତ୍ସବ କୁ ସମସ୍ତ ଙ୍କ ଉତ୍ସାହ ଓ ଆନ୍ତରିକତା ନିଶ୍ଚିତ ରୂପେ ସଫଳ କରିବ ।

# ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଂଟନ ସମାରୋହ



ନୂଆପଡ଼ା (ନି.ପ୍ର) : ସହର ରେ ମୁଣ୍ଡ ଉପରେ ପକ୍କା ଛାତ ପ୍ରତ୍ୟେକ ପରିବାରର ସ୍ୱପ୍ନ ଅଟେ । ନିଜ ଦୈନନ୍ଦିନ କାର୍ଯ୍ୟ କରି ପାରିବା ଗୁଜରାଣ ମେଂଟାଇବା ରେ ସମସ୍ତ ଅର୍ଥ ଶେଷ ଓ ନିଅଂଟ ଦେଉଥିବା ବେଳେ ଘର ଖଣ୍ଡେ ଚିନ୍ତା ବାହାରେ । ତେଣୁ ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା ରେ କାର୍ଯ୍ୟାଦେଶ ବଂଟନ ସମରୋହ ଅନୁଷ୍ଠିତ ହୋଇ ଯାଇଅଛି । ଏହା ଦ୍ୱାରା ସମସ୍ତ ପରିବାର ଙ୍କ ସ୍ୱପ୍ନ ସାକାର ହେବାକୁ ଲାଗୁଅଛି । ଏହି ସମାରୋହରେ ଏନ୍ ଏ ସି ଅଧକ୍ଷା ଡଃ. ସୋନିଆ ଜୈନ୍, ନିର୍ବାହୀ ଅଧିକାରୀ କମଳା ସନ୍ ରଥ, ଉପାଧକ ନିଶାନ୍ତ ଡାଗା, ୱାର୍ଡ ସଭ୍ୟ ସନ୍ଦୀପ ଶର୍ମା, ସମାଜସେବୀ ଗୋଲାଡି ଅଗ୍ରୱାଲ, ୱାର୍ଡ ସଭ୍ୟ ସଭ୍ୟା ସାମିଲ ହୋଇ ପରିବାରଙ୍କ ସ୍ୱପ୍ନ କୁ ସାକାର କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ।

# ଝାରସୁଗୁଡ଼ା ମେଫେୟାର ହୋଟେଲ ସମ୍ମିଳନୀ ଗୃହରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୬ ପାଳିତ

ଝାରସୁଗୁଡ଼ା : ଝାରସୁଗୁଡ଼ାର ମେଫେୟାରରେ ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ ଶାଖା ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ଅବିରତ ଚିକିତ୍ସା ଶିକ୍ଷା ଏବଂ ବୈଜ୍ଞାନିକ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲା । ବିଜ୍ଞାନ ଆଧାତ୍ମିକତାକୁ ପୂରଣ କରେ ବିଷୟ ବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଅଧାପକଙ୍କ ଦ୍ୱାରା ଅନେକ ଅନ୍ତର୍ଦୃଷ୍ଟି ପୂର୍ଣ ଶିକ୍ଷାଗତ ଅଧିବେଶନ ପ୍ରଦର୍ଶିତ ହୋଇଥିଲା । ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ସଚିବ ଏବଂ ଜଗ୍ନ୍ୟାସେନୀ




ହସ୍ପିଟାଲର ପ୍ରତିଷ୍ଠାତା ଡ଼କ୍ଟର ଏସ୍.ଜେ ପଟେଲ ମାନସିକ ସ୍ୱାସ୍ଥ୍ୟ ଆଧୁନିକ ଚିକିତ୍ସାରେ ଏକ ପ୍ରାଥମିକତା ଉପରେ ବକ୍ତବ୍ୟ ରଖିଥିଲେ । ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ଅଧକ୍ଷ ଡ଼କ୍ଟର ଆର.କେ. ଜୋଶୀ ଭୌତିକ ସ୍ୱାସ୍ଥ୍ୟ ଏକ ସମଷ୍ଟିଗତ ପଦ୍ଧତି ଉପରେ ଆଲୋଚନା କରିଥିଲେ । ଡ଼କ୍ଟର ଶକ୍ତି କୁମାର ତ୍ରିପାଠି ପ୍ରଜନନ ଔଷଧରେ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ ଏକ ଭାଷଣ ଦେଇଥିଲେ । ଡ଼କ୍ଟର ଇପ୍ସିତା ଦେବତା ସୌନ୍ଦର୍ଯ୍ୟ ଔଷଧ ଉଦୀୟମାନ ଧାରା ଏବଂ କ୍ଲିନିକାଲ ପ୍ରୟୋଗ ଉପରେ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଅନନ୍ୟା (ବ୍ରଜ ଗୋପିକା ଧାମ)ଙ୍କ ଦ୍ୱାରା ସ୍ୱାସ୍ଥ୍ୟର ଅଧାତ୍ମିକ ଦିଗ ଉପରେ ଜ୍ଞାନଦାୟକ ବକ୍ତୃତା ଯାହା ଶରୀର, ମନ ଏବଂ ଆତ୍ମାର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଝାରସୁଗୁଡ଼ା ଏସ୍.ପି. ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗ ଦେଇଥିବା ବେଳେ ଡ଼ାକ୍ତରୀ ସମାଜର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇ ଥିଲେ ।

# ନୂଆପଡ଼ା ଜିଲ୍ଲାରେ ରନ୍ଧନ ଗ୍ୟାସ ସଙ୍କଟ



ନୂଆପଡ଼ା : (ନି.ପ୍ର) ଇରାନ ଓ ଉଜ୍ରାଇଲ ମଧ୍ୟରେ ଯୁଦ୍ଧ ଚାଲୁଥିବାରୁ ଆମ ଦେଶକୁ ରନ୍ଧନ ଗ୍ୟାସ ଓ ପେଟ୍ରୋଲିୟମ୍ ଆସିବା ବନ୍ଦ ହେବାରୁ ଆମ ନୂଆପଡ଼ା ଜିଲ୍ଲା ଖଡିଆଳ ବୋଡ଼େନ ସିନାପାଲି, କୋମନା ଓ ନୂଆପଡ଼ା ଅଂଚଳରେ ରନ୍ଧନ ଗ୍ୟାସ ସଙ୍କଟ ହୋଇଛି । ଏଣୁ ଖାଦ୍ୟ ତିଆରି ହୋଟେଲ ମାନଙ୍କରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳୁଛି । ମୁଁଖ୍ୟତ ଗ୍ୟାସ ଅଭାବରୁ ହୋଟେଲ , ଠେଲା ଓ କଫେ ମାନଙ୍କରେ ତାଲା ପଡ଼ି ଯିବା ଉପରେ ଅଛି । ଗ୍ୟାସ ମିଳୁ ନ ଥିବାରୁ ଜାଳେଣି କାଠ ଖୋଜିବାରେ ଦିନ ଯାଉଛି ଓ ସହରାଂଚଳରେ କାଠ ମଧ ମିଳୁ ନ ଥିବାରୁ ଇଲେକ୍ଟ୍ରି ଇଣ୍ଡକସନ୍ ରେ କିଛି ଖାଦ୍ୟ ପ୍ରସ୍ତୁତି ହେଲେ ହେ ଲାଇଟ୍ ବିଲ ବହୁତ୍ ଅଛୁଛି ବୋଲି ଅଭିଯୋଗ ଆସୁଛି । କିଛି ଲୋକ ଜାଳେଣି କାଠ ପାଇଁ ଜଙ୍ଗଲକୁ ଯାଇ ଆଣୁଥିବର ଦେଖିବାକୁ ମିଳୁଛି । ଏପଟେ ସରକାର ମାଁ ପାଇଁ ଗଛ ଟିଏ ଲଗାଇବାକୁ କହୁଛନ୍ତି ଲୋକଙ୍କୁ ଗ୍ୟାସ ନ ମିଳିବାରୁ ବାଧ ଜଙ୍ଗଲ ର ଭରସା କରୁଛନ୍ତି । ସେ ପେଟ ଗ୍ୟାସ ଗୋଦାମରେ ଲମ୍ବା ଲାଇନ ଲାଗିଛନ୍ତି ତୋ ଅନଲାଇନ କରି ଓଟିପି ଆସିବାରେ ବିଳମ୍ବ ହେବାରୁ ଲୋକଙ୍କ ସମସ୍ୟା ବଢିବାରେ ଲାଗିଛି । ଏହି ରନ୍ଧନ ଗ୍ୟାସ ସମସ୍ୟା ର ସମାଧାନ କେବେ ହେବ ଅପେକ୍ଷାରେ ଅଂଚଳବାସୀ

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ରକ୍ତଦାନ ଶିବିର ଆୟୋଜିତ: ୨୦ ୟୁନିଟ୍ ରକ୍ତ ସଂଗୃହୀତ

ଜୟପୁର : କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ (ଡାଇଏଟ୍)ରେ ଏକ ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷା ମମତା ଝୋଡିଆଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ଓଡ଼ିଆପକ୍ଷ ପାଳନ ଓ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ୟୁବରେଡକ୍ରସ ତରଫରୁ ମିଳିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଓଡ଼ିଶା ରକ୍ତ କେନ୍ଦ୍ର, ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ର ସହଯୋଗରେ ଆୟୋଜିତ ଏହି ଶିବିରକୁ ରଞ୍ଜିତ ସାହୁ, ଅଜିତ ଗୌଡ଼ ଓ ରବୀନ୍ଦ୍ର ଗୌଡ଼ ୨୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଡାଇଏଟ ର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନକାରୀ ମାନଙ୍କ ମଧ୍ୟରେ କୁସୁମ ପାଣ୍ଡେ (ଶିକ୍ଷକ ପ୍ରଶିକ୍ଷିକା), ବ୍ରହ୍ମଦେବ ଟୁଡୁ (ଶିକ୍ଷକ ପ୍ରଶିକ୍ଷିକ) ଓ ଦେବାଶିଷ ପଟ୍ଟନାୟକ (ଆଇସିଟି ଇନ୍ଷ୍ଟ୍ରକ୍ଟ) ଉଲ୍ଲେଖନୀୟ ।ଏହାସହ ଅନୁଷ୍ଠାନର କର୍ମଚାରୀ ଜଗଦୀଶ ଜାନି ଓ ଶୋଭା ପରଜାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ଏହି ରକ୍ତଦାନ ଶିବିର ମାଧ୍ୟମରେ ସମାଜ ସେବା ପ୍ରତି ସଂସ୍ଥାର ସମର୍ପଣ ଓ ମାନବିକତାର ପରିଚୟ ମିଳିଛି । ଏହି ଶିବିର ଆୟୋଜନ ନିମନ୍ତେ ଗତକାଲି ଜିଲ୍ଲା ସଂଯୋଜାକ ଡ଼ଃ. ନରେଶ ଚନ୍ଦ୍ର ସାହୁ ରକ୍ତଦାନ ସଂପର୍କିତ ଏକ ଅଭାସି ମୋଟୀଭେଶନ କ୍ଲାସ ଉଭୟ ଶିକ୍ଷକ ପ୍ରଶିକ୍ଷିକ ଏବଂ ଛାତ୍ରୀ ଓ ଛାତ୍ରମାନଙ୍କର ନେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସିକଲ ସେଲ୍ ରୋଗୀମାନଙ୍କ ପାଇଁ ଡାଇଏଟ୍ ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମର କୋରାପୁଟ ଜିଲ୍ଲା ଯୁବ ରେଡ୍ କ୍ରସ୍ ସଂଯୋଜକ ଡ଼ଃ. ନରେଶ ଚନ୍ଦ୍ର ସାହୁ ଭୂୟସୀ ପ୍ରଶଂସା କରିଥିଲେ ।

# ସାଇକେଲ ଆରୋହୀ ସମୀରା ଖାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ୭୦୦୦ କି.ମି. ସାଇକେଲ ଆରୋହୀ ଏବଂ ପାର୍ବତାରୋହୀ ସମୀରା ଖାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଛି । ସମୀରା ଆନ୍ଧ୍ରପ୍ରଦେଶରୁ ବାହାରି ଭାରତର ସମସ୍ତ ରାଜ୍ୟ ସାଇକେଲରେ ବୁଲିବାର ସାହସ ଦେଖାଇ ଏପର୍ଯ୍ୟନ୍ତ ୨୬ଟି ଜିଲ୍ଲା ସେ ସାଇକେଲରେ ବୁଲି ସାରିଛନ୍ତି । ଏହି ଅବସରରେ ସେ ଓଡିଶା ସରକାରଙ୍କ ଦ୍ୱାରା ମହିଳା ମାନଙ୍କରେ ଦେଖାଯାଉଥିବା ଜରାୟୁ ଗ୍ରୀବା କର୍କଟକୁ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ସେ ଏଚପିଭି ଟୀକା ସମ୍ବନ୍ଧୀୟ ମିଥ୍ୟା ଭ୍ରମ ଦୂର କରିବାକୁ ଆହ୍ୱାନ କରିଥିଲେ ଏବଂ ପିତୃତନ୍ତ୍ରରେ ଝିଅ ଓ ମହିଳାମାନଙ୍କ ଉପରେ ଥିବା ପ୍ରତିବନ୍ଧକ ହଟାଇ ସମାନ ସୁଯୋଗ ଦେବା ସହ ଅତ୍ୟାଚାର ରୋକିବାକୁ ଜୋର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡଃ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଲୀନା ପ୍ରଧାନ, ଜିଲ୍ଲା ନିଜାରତ ଅଧିକାରୀ ସତ୍ୟବ୍ରତ ସାହୁ, ଜିଲ୍ଲା କ୍ରୀଡା ଏବଂ ଯୁବ ସେବା ଚିତ ରଞ୍ଜନ ମିଶ୍ର ଏବଂ ବିଭିନ୍ନ ମହାବିଦ୍ୟାଳୟର ଏନସିସି ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ୩ ଦିନରେ ୨୪ ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର : ଜୟପୁର ସଦର ପୋଲିସ ୩ ଦିନରେ ବିଭିନ୍ନ ସ୍ଥାନରେ ଚଢାଉ କରି ୨୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପ୍ରଥମ ଦିନରେ ୧୧, ଦ୍ୱିତିୟ ଦିନରେ ୫ ଓ ତୃତିୟ ଦିନରେ ଫେରାର ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ହାଡିଆ ଗ୍ରାମର ଜବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ, ପଲରାପୁଟ ଗ୍ରାମର ଗୁରୁବନ୍ଧୁ ନାଗ, କଳାଗୁଡା ଗ୍ରାମର ମଧୁ ପୁଜାରି, ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ, ଖଣ୍ଡିଆଗୁଡା ଗ୍ରାମର ଡମଣି ଖାତି ଓ ଚନ୍ଦ୍ରମା ଖାତି । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ସେହିପରି ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅପରାଧିକ ମାମଲାରେ ଫେରାର ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିଆ ଗ୍ରାମର ବିଶାଧର ପରଜା, ଭାଜିଗୁଡା ଶିବ ଘଡେଇ, ଧଡ୍ରିଗୁଡା ଗ୍ରାମର ହରି ଗାଦବା, ଏକମ୍ବା ଗ୍ରାମର ମହେଶ୍ୱର କୁଳଦିପ, ଷ୍ଟେସନ କଙ୍ଗା ଗ୍ରାମର ତୁଳୁସା ଗଣ୍ଡ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେମାନେ ଫେରାର ଥିବା ବେଳେ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ସେହିପରି ଫେରାର ଥିବା ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁର୍ଜୟ ଖାତି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର, ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ପିଂଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁକୁ ମୁଦୁଲି, ପୁରୁଷୋତମ ମୁଦୁଲି, କୈଳାଶ ଖୋସଲା । ୧୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଟ୍ରଲର ଧକ୍କାରେ ମହିଳା ଗୁରୁତର

ଚମ୍ପୁଆ : ଚମ୍ପୁଆ ଥାନା ଅନ୍ତର୍ଗତ ବାସୁଦେବପୁର ଛକ ଠାରେ ଆଜି ଏକ ଟ୍ରଲର ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ଜାମୁଦଲକ ଗ୍ରାମର ଲଳିତା ମହାନ୍ତ ଆଜି ଯୋଡା ହାଟ ରେ ପରିବା ବ୍ୟବସାୟ ସାରି ମୁଖ୍ୟମନ୍ତ୍ରୀ ବସରେ ଫେରି ବାସୁଦେବପୁର ଛକ ଠାରେ ଦିନ ପ୍ରାୟ ୧୨ ଟା ସମୟ ରେ ଓହ୍ଲାଇଥିଲେ । ସେଠାରେ ଓହ୍ଲାଇ ରାସ୍ତା କଡ ରେ ଛିଡ଼ା ହୋଇଥିବା ବେଳେ ଯୋଡ଼ା ରୁ ରିମୁଳି ଅଭିମୁଖେ ଯାଉଥିବା ଏକ ଟ୍ରଲର (ଗାଡି ନଂ ଜେଏଚ୦୫ ଡିଏଚ ୧୬୩୦ ) ଗାଡ଼ି ଟି ତାଙ୍କୁ ପଛ ପଟୁ ଧକ୍କା ଦେଇ ଚାପି ଦେଇଥିଲା । ଦୀର୍ଘ ସମୟ ଧରି ତାଙ୍କ ବାମ ଗୋଡ ଟି ଟ୍ରଲର ତଳେ ଚାପି ହୋଇ ରହିଥିବା ବେଳେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି କ୍ରେନ୍ ସାହାଯ୍ୟ ରେ ଗାଡିକୁ ହଟାଇ ତାଙ୍କୁ ଉଦ୍ଧାର କରିଥିଲେ । ଟ୍ରଲର ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ବେଳେ ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଜୟପୁର: ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ତେଲେଙ୍ଗାନା ଜିଲାର ବି. ଅଖିଲ । ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଡିମଳା ଛକରେ ଚଢ଼ଉ କରିଛି । ଚଢଉ କରି ୫ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ଏହି ସୂଚନା ଦେଇଛନ୍ତି ।

# ଭାରତର ପ୍ରଥମ ଡିଜିଟାଲ ଜନଗଣନା ପ୍ରସ୍ତୁତି : ମହାନଗର ନିଗମ ପକ୍ଷରୁ ୪ଟି ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର : ଆଗାମୀ ଜନଗଣନା ୨୦୨୭ ରେ ବ୍ୟାପକ ନାଗରିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ତଦନୁଯାୟୀ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ଦିନ ଚାରୋଟି ସଚେତନତା ରଥକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତର ପ୍ରଥମ ଡିଜିଟାଲ ଜନଗଣନା ବିଷୟରେ ବାସିନ୍ଦାଙ୍କୁ ସଚେତନତା ଏବଂ ସ୍ୱଗଣନା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା । ମୁଖ୍ୟ ଜନଗଣନା ଅଧିକାରୀ ତଥା ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରିଙ୍କ ସମେତ ଅଧିକାରୀ ଏବଂ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ଏହି ରଥଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମୋଟ ଚାରୋଟି ଯାନ ଏହି ରଥରେ ନିୟୋଜିତ କରାଯାଇଛି । ଯାହା ଆଗାମୀ ଦୁଇ ଦିନ ମଧ୍ୟରେ ସମ୍ବଲପୁରର ସମସ୍ତ ୪୧ଟି ୱାର୍ଡକୁ ବୁଲି ବୁଲି ସଚେତନ କରିବ । ଏହି ସଚେତନତା ରଥଗୁଡ଼ିକ ସହର ସାରା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜନଗଣନା ସମ୍ପର୍କିତ ଶ୍ରୁତିମଧୁର ସଂଗୀତ ଏବଂ ପ୍ରମୁଖ ଭାବରେ ପ୍ରଦର୍ଶିତ ବ୍ୟାନର ସହିତ ସଜ୍ଜିତ କରାଯାଇଛି । ଏହି ଅଭିଯାନଟି ସ୍ୱଗଣନା ଏବଂ ଗୃହ ତାଲିକାଭୁକ୍ତ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ସମସ୍ତ ନାଗରିକମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ତଥା ଏପ୍ରିଲ ୧୫ ତାରିଖ ମଧ୍ୟରେ ପ୍ରକ୍ରିୟା ସମାପ୍ତ କରିବାକୁ ଅନୁରୋଧ କରାଯାଇଛି । ଡିଜିଟାଲ ପରିବର୍ତନକୁ ଆଲୋକପାତ କରି ଅଧିକାରୀ ମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତ ଏକ ପ୍ରଯୁକ୍ତି ବିଦ୍ୟା ଚାଳିତ ଗଣନା ବ୍ୟବସ୍ଥାକୁ ପରିବର୍ତନ କରୁଥିବାରୁ ଜନଗଣନା ୨୦୨୭ ଏକ ପରିବର୍ତନକାରୀ ପଦକ୍ଷେପ । ଯାନବାହାନରେ ପ୍ରଦର୍ଶିତ ବ୍ୟାନରଗୁଡ଼ିକ ସ୍ୱଗଣନା ଉପରେ ପର୍ଯ୍ୟାୟକ୍ରମେ ମାର୍ଗଦର୍ଶନ ପ୍ରଦାନ କରିବ । ଏଥିସହ ଯେଉଁ କ୍ୟୁଆର୍ କୋଡ୍ ପ୍ରଦାନ କରିବ ସେଥିରେ ନାଗରିକମାନେ ସିଧାସଳଖ ସରକାରୀ ପୋର୍ଟାଲରେ ପ୍ରବେଶ କରିବେ ଏବଂ ପ୍ରକ୍ରିୟାକୁ ସୁବିଧାଜନକ ଭାବରେ ସମାପ୍ତ କରିବା ପାଇଁ ସ୍କାନ୍ କରି ପାରିବେ । ସମ୍ବଲପୁର ମହାନଗର ନିଗମ ଏହି ପ୍ରୟାସରେ ନାଗରିକଙ୍କ ଅଂଶଗ୍ରହଣକୁ ସର୍ବାଧିକ କରିବା ପାଇଁ ନିରନ୍ତର କାର୍ଯ୍ୟ କରିଆସିଛି । ସଚେତନତା ବୃଦ୍ଧି କରିବା ଏବଂ ସାମୁଦାୟିକ ସମ୍ପୃକ୍ତିକୁ ଉତ୍ସାହିତ କରିବା ପାଇଁ ସମ୍ବଲପୁର ସହରର ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ମଧ ନିୟୋଜିତ କରାଇଛି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି :ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବିଭିନ୍ନ ଅଂଚଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଯାହା ଫଳରେ ଅନେକ ଧନଜୀବନ କ୍ଷତିଗ୍ରସ୍ତ ହେଉଛି । ସଡ଼କ ସୁରକ୍ଷା ଜୀବନ ରକ୍ଷା ନିମନ୍ତେ ମାଲକାନଗିରି ଜିଲ୍ଲା ପୁଲିସ ଏବଂ ଆଂଚଳିକ ପରିବହନ ବିଭାଗ ଦ୍ୱାରା ମିଳିତ ଭାବେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁଥିରେ ଖୋଦ୍ ଯମରାଜ ଓ ଯମ ଦୂତ ମାନେ ଗାଡ଼ି ଚାଳକ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମାବଳୀ ବୁଝାଇ ସଚେତନ କରୁଛନ୍ତି । ସହରର ପ୍ରତ୍ୟେକ ଛକ ଓ ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ଗାଡ଼ି ଚାଳକ ମାନଙ୍କୁ ଅଟକାଇ ଯମରାଜଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରଗୁପ୍ତଙ୍କ ଦ୍ୱାରା ସଡ଼କ ସୁରକ୍ଷା ନିୟମାବଳୀ ଦେଇଥିଲେ ।





# ଜିଲ୍ଲାର ମାସିକ ଅପରାଧ ସମୀକ୍ଷା ବୈଠକ



ଖୋର୍ଦ୍ଧା(ନିପ୍ର): ଏସ୍‌ପି କାର୍ଯ୍ୟାଳୟ ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଥିଲା । ବିବେକାନନ୍ଦ ଶର୍ମା, ଆଇପିଏସ୍, ପୁଲିସ ଅଧିକ୍ଷକ, ବୈଠକକୁ ଅଧ୍ୟକ୍ଷତା କରି ଜିଲ୍ଲାର ଅପରାଧ ପରିସ୍ଥିତି ଓ ଆଇନ-ଶୃଙ୍ଖଳା ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ । ବୈଠକରେ ଚାଲୁଥିବା ତଦନ୍ତ, ମାମଲାର ନିଷ୍ପତି, ଅପରାଧ ପ୍ରତିରୋଧ ଓ ଆଇନ ପ୍ରୟୋଗକୁ ସୁଦୃଢ କରିବା ଉପରେ ଆଲୋଚନା କରାଯାଇଥିଲା । ନାରୀଙ୍କ ବିରୋଧରେ ଅପରାଧ, ସାଇବର ଅପରାଧ, ପ୍ରତିକ୍ରିୟା ସମୟ ସୁଧାର, ପ୍ୟାଟ୍ରୋଲିଂ ବୃଦ୍ଧି ଓ ପ୍ରତିରୋଧମୂଳକ ପଦକ୍ଷେପର କାର୍ଯ୍ୟକାରିତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଅତିରିକ୍ତ ଏସ୍‌ପିମାନେ, ବରିଷ୍ଠ ଅଧିକାରୀମାନେ ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଆଇଆଇସିମାନେ ବୈଠକରେ ଉପସ୍ଥିତ ହୋଇ ନିଜ-ନିଜ କ୍ଷେତ୍ରର ଅଦ୍ୟତନ ସୂଚନା ପ୍ରଦାନ କରିଥିଲେ । ପୁଲିସ ଅଧିକ୍ଷକ ଅଧିକାରୀ ଓ କର୍ମଚାରୀମାନଙ୍କର ନିଷ୍ଠା, ପେଶାଦାରିତା ଓ ଅପରାଧ ଚିହ୍ନଟ, ତଦନ୍ତ ଏବଂ ଆଇନ-ଶୃଙ୍ଖଳା ରକ୍ଷାରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସ୍ତୁତି କରିଥିଲେ ଏବଂ ଜିଲ୍ଲାରେ ଶାନ୍ତି ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କଠୋର ସଚେତନତା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ ।

## ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର

ଯାଜପୁର(ନିପ୍ର): ଦିନ ଦ୍ୱିପ୍ରହରରେ ନିଜ ଘରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର । ମୃତକ ହେଲେ ଯାଜପୁର ଥାନା ଦଶରଥପୁର ବ୍ଲକ ଅକରପଡା ଶ୍ରୀଧରପୁର ଅଂଚଳର ଗଙ୍ଗାଧର ସାହୁ । ଗଙ୍ଗାଧରଙ୍କ ଘରେ କେହି ନ ଥିବା ସମୟରେ ଏକ ଗାମୁଛା ସାହାଯ୍ୟରେ ପଙ୍ଖାରେ ଝୁଲିଥିଲେ । ଦୀର୍ଘ ସମୟ ଧରି ଘର ର କବାଟ ଖୋଲା ଦେଖି ପଡୋଶୀ ଘର ଭିତରକୁ ଯାଇ ଝୁଲନ୍ତା ଅବସ୍ଥାରେ ଗଙ୍ଗାଧରଙ୍କୁ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଥିଲା । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଯାଜପୁର ପୋଲିସ ଘଟଣା ର ତଦନ୍ତ ଆରମ୍ଭ କରିଛି ।

# ପଂଚାୟତ ନିର୍ବାଚନ ପାଇଁ ବିଗୁଲ: ପ୍ରକାଶ ପାଇଲା ସଂରକ୍ଷଣ ନିୟମାବଳୀ

ଧାମନଗର(ନିପ୍ର): ଆଗାମୀ ୨୦୨୭ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ଙ୍କ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବହୁ ପ୍ରତିକ୍ଷିତ ସଂରକ୍ଷଣ ମାର୍ଗଦର୍ଶିକା ଜାରି କରାଯାଇଛି । ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି (ନଂ-୯୮୬୦, ତା ୦୬.୦୪.୨୬) ପ୍ରଦାନ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଶେଷ କରି ଧାମନଗର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହଟଚମଟ ଆରମ୍ଭ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ, ୱାର୍ଡ ମେମ୍ବର, ସରପଂଚ, ସମିତି ସଭ୍ୟ ଓ ପଂଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ଚିଠା ତାଲିକା ଏପ୍ରିଲ ୭ରେ ପ୍ରକାଶ ପାଇଛି । ଏଥିଲାଗି ଏପ୍ରିଲ ୧୭ ତାରିଖ ସୁଦ୍ଧା ଅଭିଯୋଗ ଓ ଦାବି ଗ୍ରହଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଏପ୍ରିଲ ୨୪ ତାରିଖକୁ ଅଭିଯୋଗର ସମାଧାନ ଦିନ ଧାର୍ଯ୍ୟ ହୋଇଛି । ତେବେ ଜିଲ୍ଲା ପରିଷଦ ପାଇଁ ଅଭିଯୋଗର ସମାଧାନ ଦିନ ରହିଛି ଏପ୍ରିଲ୨୭ । ଏନେଇ ଚୂଡ଼ାନ୍ତ ତାଲିକା ଏପ୍ରିଲ ୨୯ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କୁ ହସ୍ତାନ୍ତର କରାଯିବ । ସରକାରଙ୍କ ନିଷ୍ପତି ଅନୁଯାୟୀ, ଅଣ-ଅନୁସୂଚିତ ଅଂଚଳରେ ଝଉ, ଝଞ ଏବଂ ଈଉଉ (ପଛୁଆ ବର୍ଗ) ମାନଙ୍କ ପାଇଁ ସମୁଦାୟ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ସୀମିତ ରହିବ । ଈଉଉ ବର୍ଗ ପାଇଁ ସର୍ବାଧିକ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲେ ହେଁ, ସମୁଦାୟ ସଂରକ୍ଷଣ ୫୦% ଟପିଲେ ଏହାକୁ କମାଇ ଦିଆଯିବ । ମହିଳାମାନଙ୍କ ପାଇଁ ସର୍ବନିମ୍ନ ୫୦% ଆସନ ସଂରକ୍ଷିତ ରହିବ । ୨୦୧୧ ଜନଗଣନାକୁ ଭିତି କରି ଏହି ସଂରକ୍ଷଣ ନିର୍ଦ୍ଧାରଣ କରାଯିବ । ଏଥର ନିର୍ବାଚନରେ ଅବରୋହଣ କ୍ରମରେ ସ୍ଥାନ ପରିବର୍ତନ ନିୟମ ଲାଗୁ ହେବ । ଏହାର ଅର୍ଥ ହେଉଛି ୨୦୧୭, ୨୦୧୨, ୨୦୦୭ ଓ ୨୦୦୨ ନିର୍ବାଚନର ସଂରକ୍ଷଣ ସ୍ଥିତିକୁ ପଛ କ୍ରମରେ ଯାଂଚ କରାଯିବ । ଯେଉଁ ଆସନ ଗତ ଥର ଯେଉଁ ବର୍ଗ ପାଇଁ ସଂରକ୍ଷିତ ଥିଲା, ଏଥର ତାହା ପରିବର୍ତନ ହେବାର ସମ୍ଭାବନା ଅଧିକ । ଧାମନଗରରେ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶାସକ ଓ ବିରୋଧୀ ଦଳର ନେତାଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି । ଏଠାରେ ସରପଂଚ ପଦ ଅପେକ୍ଷା ସମିତି ସଭ୍ୟ ସଂରକ୍ଷଣକୁ ନେଇ ଅଧିକ ଗୁରୁତ୍ୱ ଦିଆଯାଉଛି । ୨୦୨୨ରେ ପଂଚାୟତ ସମିତି ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା । ଅବରୋହଣ କ୍ରମ ଅନୁସାରେ ଏଥର ଏହି ପଦବୀ ତଫସିଲଭୁକ୍ତ ଜାତି ପୁରୁଷଙ୍କ ପାଇଁ ସଂରକ୍ଷିତ ହୋଇପାରେ ବୋଲି ଅନୁମାନ କରାଯାଉଛି । ଯଦି ଏହା ହୁଏ, ତେବେ ଅନେକ ହେଭିୱେଟ ନେତାଙ୍କ ରାଜନୈତିକ ଗଣିତ ବିଗିଡ଼ି ଯାଇପାରେ । ଧାମନଗରର ୩୧ଟି ପଂଚାୟତ ମଧ୍ୟରୁ ୧୫ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ନିୟମ ଅନୁସାରେ, ଯେଉଁ ପଂଚାୟତରେ ପୁରୁଷ ସରପଂଚ ରହିବେ, ସେଠାରେ ସମିତି ସଭ୍ୟ ପଦ ମହିଳାଙ୍କ ପାଇଁ ରହିବ । ଧୁଷୁରୀ ବିଜ୍ଞାପିତ ଅଂଚଳ ଗଠନ ଯୋଗୁଁ କିଛି ପଂଚାୟତ ବିଲୀନ ହୋଇଥିବାରୁ ଏଥର ସୀମା ପୁନଃନିର୍ଦ୍ଧାରଣ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିବ । ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ଏହି ନିର୍ବାଚନ ଏକ ବଡ଼ ପରୀକ୍ଷା । ଗତ ଦୁଇ ବର୍ଷ ମଧ୍ୟରେ ସେ ଧାମନଗର ପାଇଁ ବିକାଶମୂଳକ କାର୍ଯ୍ୟ ଆଣିଥିବା ବେଳେ, ତାଙ୍କ ନେତୃତ୍ୱରେ ବିଜେପି ଏଥର ପଂଚାୟତ ନିର୍ବାଚନରେ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । ସେହିପରି ବିଜେଡି ତାର ପୂର୍ବ ସ୍ଥିତି କୁ ବଜାଇ ରଖିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି, ସେହିପରି କଂଗ୍ରେସ ମଧ୍ୟ ଅନେକ ଆଶା ବାନ୍ଧିଛି । ସଂରକ୍ଷଣକୁ ନେଇ ଚିଠା ପ୍ରସ୍ତାବ ପ୍ରକାଶ ପାଇବା ପରେ ଅଭିଯୋଗ ଦାଖଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଶାସନର ଚୂଡ଼ାନ୍ତ ତାଲିକାକୁ ଏବେ ସମସ୍ତେ ଚାହିଁ ରହିଛନ୍ତି ।

# ବଲାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାରିପଦା(ନିପ୍ର): ଆସନ୍ତା ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ୨୪ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୬ ପାଳିତ ହେବାକୁ ଯାଉଥିବା ବେଳେ, ବାରିପଦା ରାଜବାଟି ନିକଟ ମୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସରେ ମହୋତ୍ସବ କାର୍ଯ୍ୟ ପରିଚାଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟାଳୟ ଉଦଘାଟନ କରି ବଲାଙ୍ଗୀ ମହୋତ୍ସବ ଦୀର୍ଘ ୨୪ ବର୍ଷ ଧରି ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହି ସମସ୍ତ କର୍ମକର୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିଶ୍ୱଜିତ ନାୟକ, ଅମର ସେଠୀ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, କିନ୍ନର ମହାସଙ୍ଘର ସଭାପତି ମନୀଷା ସାହୁ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ବାଲିମେଳା ବଲାଙ୍ଗୀ ଏକ ନିଆରା ମହୋତ୍ସବ ବୋଲି କହିଥିଲେ । ଡ଼. ଶଶୀଧର ବିଶ୍ୱାଳ ମଂଚ ପରିଚାଳନା କରିଥିବା ବେଳେ ଅନ୍ୟ



ମାନଙ୍କମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବରିଷ୍ଠ ସଦସ୍ୟ ଗୋଲୋକ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଇନ୍ଦୁମତି ମହାନ୍ତି, ଅଶୋକ କୁମାର ପଲେଇ, ଦୋଳ ଗୋବିନ୍ଦ ମହନ୍ତଙ୍କ, ସଂଯୁକ୍ତା ଭରଜବଳ, ରାଜଲକ୍ଷ୍ମୀ ଦାସ, ଗିଗମା ଦାସ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିବା ବେଳେ, ବଲାଙ୍ଗୀ ସେନାର କୁମାରେଶ ନାୟକ, ସନତ ବାରିକ, ମିଥୁନ ବାରିକ, ଶିଶିର ଭରଜବଳ, ଦିଲ୍ଲୀପ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ. ଆଗାମୀ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସଂନ୍ଧ୍ୟା ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜଣାଯାଇଛି ।

# ନୟାଗଡ଼କୁ ଗୌରବାନ୍ୱିତ କରିଛି ଛେନାପୋଡ଼

ନୟାଗଡ଼(ନିପ୍ର): ଛେନାପୋଡ଼ ପାଇଁ ନୟାଗଡ଼ । ନୟାଗଡ଼ ପାଇଁ ଛେନାପୋଡ଼ ସୁନାମ ଅର୍ଜନ କରିଛି । ମିଠା ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏହି ଛେନାପୋଡ ବର୍ତମାନ ନୟାଗଡ଼ରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ମାଲକାନାଗିରି, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର କନ୍ଧମାଳ ଛତିଶଗଡ଼ କଲିକତା ଦୁର୍ଗାପୁର, ରାୟପୁର ପ୍ରଭୃତି ସ୍ଥାନକୁ ଦୂରଗାମୀ ବସ୍ ଯୋଗେ ପଠାଯାଇଥାଏ । ଜିଲ୍ଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ପ୍ରସ୍ତୁତି କରାଯିବା ସହ ଏକା ରୋଜଗାରର ଏକ ମାଧ୍ୟମ ପାଲଟିଛି । ଏହା ବାଦ ନୟାଗଡ଼ ଜିଲ୍ଲାର ଅନେକ ବ୍ୟକ୍ତି ମୁମ୍ବାଇ, ବାଙ୍ଗାଲୋର ପ୍ରଭୃତି ସହରକୁ ଯାଇ ଛେନାପୋଡ଼ ବ୍ୟବସାୟ



କରୁଥିବା ମଧ୍ୟ ଜଣାଯାଇଛି । ନୟାଗଡ଼ ଛେନାପୋଡ଼ ଏବେ କୁଟିରୀ ଶିଳ୍ପରେ ପରିଣତ ହୋଇଛି । ନୟାଗଡ଼ ବ୍ଲକ ମାଛିପଡ଼ା ଗ୍ରାମରେ ଅନେକ ପରିବାର ଛେନାପୋଡ଼ ପ୍ରସ୍ତୁତି ଏବଂ ବ୍ୟବସାୟ କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି । କିଲୋ ପିଛା ୧୩୦ରୁ ଆରମ୍ଭ କରି ୩୫୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଛେନାପୋଡ଼ ବିକ୍ରି କରାଯାଉଥିବା ଦେଖାଯାଏ । ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ମିଠାକୁ ଭୌଗୋଳିକ ସଙ୍କେତ ତଥା ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦୀର୍ଘବର୍ଷ ତଳୁ ଦାବି ଉଠିଛି । ଏନେଇ ସଠିକ ଭାବେ ପ୍ରୟାସ କରାଯାଇନ ଥିଲା । ଜିଲ୍ଲା ପ୍ରଶାସନ ଜିଆଇ ଟ୍ୟାଗ ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ୨୦୨୩ ମାର୍ଚ୍ଚ ୨୦ ତାରିଖରେ ଆବଶ୍ୟକ କାଗଜ ପତ୍ର ସହ ଆବେଦନ କରାଯାଇଛି । ଜିଆଇ ଟ୍ୟାଗ ମିଳିବା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ଉତ୍ପତିସ୍ଥଳ ସଠିକ ରୂପେ ନିରୁପଣ କରାଯାଇପାରେ । ଛେନାପୋଡ ପ୍ରଥମେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଂଚଳର ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ । ସେ ନୟାଗଡ଼ କଚେରି ନିକଟରେ ଏକ ଛୋଟିଆ ମିଠା ଦୋକାନ କରିଥିଲେ । ଦିନେ ତାଙ୍କ କିଛି ଛେନା ବିକ୍ରି ନହୋଇ ବଳକା ରହିଯାଇଥିଲା । ଛେନା ନଷ୍ଟ ହୋଇଯିବ ଭାବି ସେଥିରେ କିଛି ସୁଜି ଓ ଚିନି ମିଶାଇ ଏକ ଭିନ୍ନ ଧରଣର ମିଠା ବନାଇବା ଲକ୍ଷ୍ୟରେ ତିଆରି କରିଥିଲେ ଛେନାପୋଡ଼ । ସେହି ଛେନାପୋଡକୁ କିଛି ଲୋକ ଖାଇବା ପରେ ସେମାନଙ୍କୁ ଭାରି ସ୍ୱାଦିଷ୍ଟ ଲାଗିଥିଲା । ତାପରେ ସୁଦର୍ଶନ ଭିନ୍ନ ଧରଣର ମିଠାକୁ ସବୁଦିନ ତିଆରି କରିବା ଆରମ୍ଭ କରି ଦେଇଥିଲେ । ଏହି ଛେନାପୋଡ଼ ନୟାଗଡ଼ ଅଂଚଳରେ ପ୍ରସିଦ୍ଧ ଲାଭ କରିବା ସଙ୍ଗେ ସଙ୍ଗେ ସାରା ରାଜ୍ୟରେ ମିଠା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଛେନାପୋଡକୁ ସ୍ମରଣୀୟ କରିବା ପାଇଁ ଛେନା ପୋଡ ନିର୍ମାତା ସୁଦର୍ଶନ ସାହୁଙ୍କ ଜୟନ୍ତୀ ଅବସରରେ ୨୦୨୨ ମସିହା ଏପ୍ରିଲ ୧୧ ତାରିଖରେ ପ୍ରଥମ କରି "ବିଶ୍ୱ ଛେନାପୋଡ଼ ଦିବସ" ଭାବରେ ପାଳନ କରାଯାଇ ଥିଲା । ପ୍ରତିବର୍ଷ ଏହା ପାଳନ କରିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି । ୨୦୨୩ରେ ପ୍ରଥମ କରି ଏହାକୁ ସରକାରୀ ସ୍ତରରେ ପାଳନ କରାଯାଇଥିଲା । ତତ୍କାଳୀନ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା । ଛେନାପୋଡ଼ର ଜନକ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଅବସରରେ ନୟାଗଡ଼ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି ।

## ଲାୟନ୍ସ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ୍ ବରଡିହା ପଂଚାୟତ ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ଶୁକ୍ରବାର ୯ ଘଟିକା ସମୟ ରେ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଗ୍ରାମାଂଚଳର ଲୋକଙ୍କ ପାଖରେ ପହଂଚି ଲୋକଙ୍କ ଚକ୍ଷୁଜନିତ ରୋଗର ଉତମ ଚିକିତ୍ସାର ସେବା ଯୋଗାଇବାର ସୁନ୍ଦର ପ୍ରୟାସ,ଲୋକଙ୍କ ଗହଣରେ ଆନନ୍ଦ ସୃଷ୍ଟି କରିଛି । ଏଥିରେ ଅତିଥି ଭାବେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡାକ୍ତର ଭୀଷ୍ମ ଚରଣ ପରିଡା ଯୋଗ ଦେଇ ଶିବିର କୁ ଶୁଭ ଉଦଘାଟନ କରି ଆରମ୍ଭ କରି ଥିଲେ । ଚକ୍ଷୁ ପରିକ୍ଷଣ ଶିବିର ରେ ୫୮ ଜଣ ରୋଗୀ ଚକ୍ଷୁ ପରୀକ୍ଷା ପାଇଁ ଆସିଥିଲେ ସେଥିରୁ ୧୬ ଜଣ ରୋଗୀ ଙ୍କର ଆଖି ମୋତିଆ ବିନ୍ଦୁ ର ଅସ୍ତ୍ର ପ୍ରଚାର କରାଯିବ । ଏହି ଶିବିରରେ କ୍ଲବ ପକ୍ଷରୁ ସଭାପତି ପ୍ରଶାନ୍ତ ପ୍ରଧାନ, ବିନୋଦ ସାହୁ, ଏସକେ ସବିର, ଗିରିଜା ଶଙ୍କର ଦାସ, କପିଳ ମହାନ୍ତି, ଦିପେନ୍ଦୁ କର, ଗୌତମ ପ୍ରଧାନ, ଏସ କେ ଅବିଉଦିନ୍, ମନୋଜ ଗୁପ୍ତା, ରାଜେଶ ଠକ୍କର, ଦୂର୍ଗା ଶଙ୍କର ଖଣ୍ଡେଲୱାଲ, ସତ୍ୟନାରାୟଣ ମହାପାତ୍ର, ରାଜ କିଶୋର ଦାସ ସହିତ ଶାଳବଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଡାକ୍ତର ଗୌରବ କୁମାର୍ ବେହେରା ଏବଂ ଆୟୁଷ ଚିକିତ୍ସକ ଅଜୟ କୁମାର ଜେନା ଉପସ୍ଥିତ ଥିଲେ ।

## ବ୍ୟବସାୟୀଙ୍କ ଠାରୁ ଲୁଟ

ସୋର(ନିପ୍ର): ଶୁକ୍ରବାର ଭୋର ସମୟରେ ଅନନ୍ତପୁର ଥାନା ଅଧିନ ଘୁଷୁରା ପୋଲ ନିକଟରୁ ଜଣେ ମାଛ ବ୍ୟବସାୟୀଙ୍କ ଠାରୁ ଲୁଟ ହୋଇଛି । ଏନେଇ ଅନନ୍ତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି । ଅଭିଯୋଗ ଅନୁସାରେ ଆଜି ଭୋର ସମୟରେ ଖଣ୍ଡାସାହି ଗ୍ରାମର କୃତିବାସ ଧଡା ମାଛ ଆଣିବାକୁ ଚୁଡାମଣି ଅଭିମୁଖେ ନିଜ ବାଇକ ଯୋଗେ ଯାଉଥିଲେ । ଏହି ସମୟରେ ଅନନ୍ତପୁର ଥାନା ଅଧିନ ଘୁଷୁରା ପୋଲ ନିକଟରେ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ କାରିବା ସହିତ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରେ ଥିବା ୨୪ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ । ପରେ କୃତିବାସ ଅନନ୍ତପୁର ଥାନାରେ ପହଂଚି ଏବାବଦରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ମହିଳା କଲେଜ ଗୃହ ବିଜ୍ଞାନ ବିଭାଗର ସେମିନାର

ରାଇରଙ୍ଗପୁର(ନିପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ସଭାଗୃହରେ ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ନ୍ୟୁଟ୍ରିସନାଲ ବେନିଫିଟ୍ସ ଅଫ୍ ମିଲେଟ ଇନ ଡେଲି ଡାଏଟ୍' ଶୀର୍ଷକ ଏକ ସେମିନାର (ଆଲୋଚନାଚକ୍ର) ଆୟୋଜିତ ହୋଇଯାଇଛି । ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ଅଧ୍ୟାପିକା ତିଳୋତମା ଷଡ଼ଙ୍ଗୀଙ୍କ ଜଗନ୍ନାଥ ବନ୍ଦନା ମଧ୍ୟରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏଥିରେ ଅଧ୍ୟକ୍ଷ ରବି ଶଙ୍କର ଶତପଥୀ ସଭାପତିତ୍ୱ କରିବା ସହିତ ମାଣ୍ଡିଆର ପୌଷ୍ଟିକ ଗୁଣ ସଂପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଗୃହବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଶୁଭଦର୍ଶିନୀ ମିଶ୍ର ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ କାର୍ଯ୍ୟକ୍ରମ ସଂଯୋଜନା କରି ମାଣ୍ଡିଆର ଦୈନନ୍ଦିନ ବ୍ୟବହାର ଉପରେ ତଥ୍ୟପୂର୍ଣ୍ଣ ଆଲୋଚନା କରଥିଲେ । ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମିଶ୍ର, ମାଣ୍ଡିଆ ଶସ୍ୟର ଅତୀତ, ବର୍ତମାନ ଓ ଭବିଷ୍ୟତର ବ୍ୟବହାର ଉପରେ ତଥ୍ୟଭିତିକ ଉପସ୍ଥାପନ କରିଥିଲେ । ରିସୋର୍ସ ପର୍ସନ ବରିଷ୍ଠ ଅଧ୍ୟାପିକା ରାଜଶ୍ରୀ ଦାଶ ମାଣ୍ଡିଆର ପୌଷ୍ଟିକ ଉପଯୋଗ ଉପରେ ଆୟୋଜିତ ଆଲୋଚନା ଚକ୍ରର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ କହିଥିଲେ । ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ମାଣ୍ଡିଆର ବିଭିନ୍ନ ଉପଯୋଗିତା ଉପରେ ଆଲୋଚନା କରିବା ପରେ ବ୍ୟାଙ୍କିଂ, ସାମ୍ବାଦିକତା ଓ ଆଇନସେବା ଆଦିକୁ ବୃତି ଭାବେ ଗ୍ରହଣ କରିବା ସଂପର୍କରେ ଛାତ୍ରୀମାନଂକୁ କ୍ୟାରିୟର କାଉନସେଲିଂ କରିଥିଲେ । ଛାତ୍ରୀ ବର୍ଷା ହେମ୍ବ୍ରମ, ମୀନା ମୁଣ୍ଡା, ପୁନମ ହେମ୍ବ୍ରମ, ବାଲେମଣି ହାଁସଦାଃ ଓ ସନ୍ତୋଷିଣୀ ଗିରି ସେମିନାର ଶୀର୍ଷକ ଉପରେ ସନ୍ଦର୍ଭ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଅଧ୍ୟାପିକା ତିଳୋତମା ଷଡ଼ଙ୍ଗୀ, ରେଣୁକା ମହାନ୍ତ, ଅନୀତା ସାମାଡ, ବିଦ୍ୟାବତୀ ବେହେରା ଓ ଗୁଞ୍ଜନ କାନ୍ଧାୱେ, ଅଧ୍ୟାପକ ଜିତେନ୍ଦ୍ର ବେହେରା ଓ ଉପେନ୍ଦ୍ର ଗିରି ଏବଂ କର୍ମଚାରୀ କୁନୀ, ବବିତା, ପଦ୍ମିନୀ, ସୁଲୋଚନା ଓ ଶକୁନ୍ତଳା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଅଧ୍ୟାପିକା ସେବତୀ ବେହିରା, ଏହିଟରି ସେମିନାରର ନିୟମିତ ଆୟୋଜନ ଦ୍ୱାରା ଛାତ୍ରୀମାନେ ବିଶେଷ ଉପକୃତ ହେବେ କହି ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ ରେ

ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅପ୍ରେଲ ୧୭ ରେ ତାଳବଣିଆ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇ ପରିସରରେ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳା ସକାଳ ୧୦ ଘଟିକା ରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି ।ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରି ଅତିରିକ୍ତ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ ବସ୍ତି କହିଥିଲେ ଯେ ଜିଲ୍ଲା ର ନିଯୁକ୍ତି ଆଶାୟୀ ୧୮ରୁ ୩୫ ବର୍ଷ ବୟସର ଯୁବବର୍ଗ ଏହାର ସୁଯୋଗ ନେଇ ପାରିବେ । ଏହି ନିଯୁକ୍ତି ମେଳାରେ ୮ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ,ଆଇଟିଆଇ ଓ ଡିପ୍ଲୋମା ପାସ କରି ଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରି ନିଯୁକ୍ତି ପାଇପାରିବେ ।ଏହି ନିଯୁକ୍ତି ମେଳାରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ର ନିଯୁକ୍ତି ଦାତା ମାନେ ଅଂଶ ଗ୍ରହଣ କରି ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ ।ଆଶାୟୀ ପ୍ରାର୍ଥୀ ବା ପ୍ରାର୍ଥୀନୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାର ରେ ନିଜ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହିତ ସାକ୍ଷାତକାର ଦେଇ ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇ ପାରିବେ । ଏତଦ ବ୍ୟତୀତ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଙ୍କ ସହ ଅନୁବନ୍ଧିତ ଥିବା ଅଥବା ଉନ୍ନତ ଅଭିଳାଷ ଓଡିଶା ଯୋଜନା ମାଧ୍ୟମରେ ଅଧିକୃତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ର ଅଧିକାରୀ ମାନେ ଏହି ନିଯୁକ୍ତି ମେଳା ରେ ଅଂଶଗ୍ରହଣ କରି ଚାହିଦା ଥିବା ବିଭାଗ ଗୁଡିକ ରେ ସ୍ୱଳ୍ପ ଅବଧି ର ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ପଞ୍ଜିକୃତ କରିବେ । ତାଲିମ ସମାପ୍ତ ପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ରେ ନିଯୁକ୍ତି ପ୍ରଦାନ କରିବେ । ତାଲିମ ସମୟର ରହିବା, ୟୁନିଫର୍ମ ପୋଷାକ,ବୀମା, ପାଠ୍ୟ ଉପକରଣ, ଖାଦ୍ୟ ପେୟ ଇତ୍ୟାଦି ର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ବସ୍ତି ସୂଚନା ଦେଇଥିଲେ । ପୁରୀ ଜିଲ୍ଲା ର ନିଯୁକ୍ତି ଆଶାୟୀ ସମସ୍ତ ଯୁବକ ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ଅପ୍ରେଲ ୧୭ ତାରିଖ ଦିବା ୧୦ ଘଟିକା ସମୟରେ ପୁରୀ ସରକାରୀ ଆଇଟିଆଇ, ତାଳବଣିଆ ଠାରେ ଅଂଶଗ୍ରହଣ କରିବାକୁ ନିୟୋଜନ ଅଧିକାରୀ ଶ୍ରୀ ବେହେରା ଅନୁରୋଧ କରିଥିଲେ ।ଏହି ଗଣମାଧ୍ୟମ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ ସହକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଧରମପୁର ପଂଚାୟତରେ ନୂତନ କଂଗ୍ରେସ କମିଟି ଗଠିତ, ବହୁ କର୍ମୀଙ୍କ ଯୋଗଦାନ



ନୀଳଗିରି(ନି.ପ୍ର.) ଓଡ଼ିଶାରେ ନୂତନକରି କଂଗ୍ରେସର ନବକଳେବର ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲାରେ ବରିଷ୍ଠସାମ୍ବାଦିକ ତଥା ସମାଜସେବୀ ସତ୍ୟଶିବ ଦାସଙ୍କୁ ଜିଲ୍ଲାସଭାପତି ଦାୟିତ୍ୱ ମିଳିବାପରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଏବଂ ନଗରରେ ସଭାପତି ଏବଂ ଅନ୍ୟ କାର୍ଯ୍ୟକର୍ତାଙ୍କ ନିଯୁକ୍ତି ମିଳିଛି । ନୀଳଗିରି ବ୍ଲକରେ ଯୁବନେତା ତପନ କୁମାର ରାଉତଙ୍କୁ ସଭାପତି ଭାବେ ନୂତନ ଦାୟିତ୍ୱମିଳିବା ପରେ ନୀଳଗିରି କଂଗ୍ରେସରେ ନୂତନ ଉତ୍ସାହ ଦେଖିବାକୁ ମିଳିଛି । ସଭାପତି ତପନ ରାଉତ ପ୍ରତି ପଂଚାୟତରେ ସାଧାରଣଜନତା ଓ କର୍ମକର୍ତାମାନଙ୍କୁ ଏକଜୁଟ କରି ଦଳ କିପରି ଆଗାମୀଦିନରେ ମଜବୁତ୍ ହେବ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି । ପଂଚାୟତରେ ନୂତନ କଂଗ୍ରେସ କର୍ମକର୍ତାଙ୍କ ନିଯୁକ୍ତି ପ୍ରଦାନକରିବା ସହିତ ପଦାଧିକାରୀ ଚୟନକରି ଦଳକୁ ତୃଣମୂଳସ୍ତରରେ ଶକ୍ତିଶାଳୀ କରିବାକୁ ଯୋଜନା କରିଥିବା ବେଳେ ଶୁକ୍ରବାର ଧରମପୁର ପଂଚାୟତରେ କର୍ମକର୍ତା ଚୟନ ସହିତ ନୂତନ କମିଟି ଗଠନ କରିଛନ୍ତି । ସଭାପତି ଭାବେ ସନ୍ତୋଷ ବେହେରା, ଜୟନ୍ତ ମଲ୍ଲିକ ଉପସଭାପତି, ଅନନ୍ତ ବିନ୍ଧାଣୀ ସମ୍ପାଦକ, ଦିଲ୍ଲୀପ ବେହେରା ସହ ସମ୍ପାଦକ, ଅନିଲ ବେହେରା କୋଷାଧକ୍ଷ ଭାବରେ ମନୋନୀତ ହୋଇଥିବା ବେଳେ ଏହି କମିଟିରେ ମୋଟ ୩୧ଜଣ ସଦସ୍ୟ ରହିଛନ୍ତି । ବ୍ଲକରେ ତପନ କୁମାର ରାଉତଙ୍କ ନେତୃତ୍ୱରେ ଆଗାମୀ ଦିନରେ ଦଳ ଭଲ ପ୍ରଦର୍ଶନ କରିବାସହିତ ଆଗାମୀ ପଂଚାୟତ ନିର୍ବାଚନରେ ପଂଚାୟତସମିତି ଦଖଲ କରିବବୋଲି ଉପସ୍ଥିତ କାର୍ଯ୍ୟକର୍ତା ମାନେ ମତ ରଖିଥିଲେ । ଶେଷରେ ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ପଶା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା କାୟକଳ୍ପ ମାନପତ୍ର ପ୍ରଦାନ




ବୋରିଗୁମ୍ମା(ନି.ପ୍ର.): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୋରିଗୁମ୍ମା କୁ କାୟକଳ୍ପ ଏୱାର୍ଡ ରେ ଜିଲ୍ଲାପାଳଙ୍କ ଜରିଆରେ ସମ୍ମାନିତ କରାଯାଇଛି । ଆଜି କୋରାପୁଟ ସ୍ଥିତ ସଦ୍.ଭାବନା ଗୃହ ରେ ଏହି ମାନପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉ କି ଗତ ୧୪ ଜାନୁଆରୀ ୨୦୨୬ ରେ ସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଉଚ୍ଚ ସ୍ତରୀୟ ଟିମ୍ ? (କାୟାକଳ୍ପ) ପହଂଚି ବୋରିଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ । ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଯ୍ୟ ବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଅକ୍ଷୟ କୁମାର କୁଣ୍ଡୁ ଏବଂ ବି.ପି.ମ୍ ସସ୍ମିତା ତ୍ରିପାଠୀ ଏହି ମାନପତ୍ର ଜିଲ୍ଲାପାଳ ଙ୍କ ଠାରୁ ଗ୍ରହଣ କରିଥିଲେ । ଏହାର ଶ୍ରେୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସମସ୍ତ କର୍ମଚାରୀ ଙ୍କୁ ଦିଆଯାଉଛି ବୋଲି ମତ ପ୍ରକାଶ ରଖିଛନ୍ତି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ ।

# ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର (ହି.ସ.) ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକକୁ ଉପଖଣ୍ଡ ମାନ୍ୟତା ଦାବୀରେ ଆଖପାଖ ଅଂଚଳର ବାସିନ୍ଦା ମାନଙ୍କ ପକ୍ଷରୁ ତରଭା ବ୍ଲକ୍ ସାମ୍ବାଦିକ ସଂଘ ଏକ ଦାବୀପତ୍ର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଛି । ଏହି ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଯାଇଥିବା ବେଳେ ଏହାର ନକଲ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ବଲାଙ୍ଗିର ସାଂସଦ, ସୋନପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ଅଛି ଯେ, ତରଭାକୁ ଏକ ପୃଥକ ଉପଖଣ୍ଡରେ ପରିଣତ କରିବା ପାଇଁ ଆମର ଦୀର୍ଘ ବର୍ଷର ଦାବୀ ରହିଛି । ଏହି ଦାବୀ ଏହି ଅଂଚଳର ଭୌଗଳିକ, ପ୍ରଶାସନିକ ଓ ଜନସଂଖ୍ୟା ଉପରେ ଆଧାରିତ ଯାହା ୧୯୯୨ ମସିହାରୁ ଲଗାତାର ପ୍ରସଙ୍ଗ ରହି ଆସିଛି । ସୁବର୍ଣ୍ଣପୁର ଜିଲ୍ଲାରେ ଅବସ୍ଥିତ ଏକ ମହତ୍ୱପୂର୍ଣ୍ଣ ସହର, ଯାହା ଜିଲ୍ଲାର ପଶ୍ଚିମାଂଚଳର ପ୍ରଶାସନିକ ଓ ଅର୍ଥନୈତିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ୧୯୬୭ ମସିହାରେ ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି)ରେ ପରିଣତ ହୋଇଥିବା ତରଭାରେ ତିନୋଟି ରାଜସ୍ୱ ଗ୍ରାମ (ତରଭା, ଅନ୍ତର୍ଡ଼ା ଓ ଫଟାମୁଣ୍ଡା) ରହିଛି । ୧୨ଟି ୱାର୍ଡରେ ବିଭକ୍ତ ଏହି ସହରର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟାପକ ତରଭା ତହସିଲ ଓ ବ୍ଲକର କ୍ଷେତ୍ରଫଳ ୩୩୦ ବର୍ଗ କିମି ଏବଂ ଜନସଂଖ୍ୟା ୧୨୭୦୨୬ (୨୦୧୧ ଜନ ଗଣନା ଅନୁଯାୟୀ) ରହିଛି । ତରଭା ବ୍ଲକ ଅଧୀନରେ ୨୧ଟି ଗ୍ରାମ ପଂଚାୟତ ଯାହା ଏହି ଅଂଚଳର ବ୍ୟାପକ ଗ୍ରାମୀଣ ପ୍ରସାରଣ ଓ ପ୍ରଶାସନିକ ଭାରକୁ ଦର୍ଶାଉଛି । ଏହି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ (ଜେଏମଏଫସି) କୋର୍ଟ ଭଳି ଆବଶ୍ୟକ ପ୍ରଶାସନିକ ଭି୍ଭୂମି ରହିଛି, ଯାହା ଏହାକୁ ଉପଖଣ୍ଡ ମୁଖ୍ୟାଳୟ ଭାବରେ କାର୍ଯ୍ୟ କରିବାକୁ ପୂର୍ବ ପ୍ରସ୍ତୁତ କରିଛି । ତରଭା ବ୍ଲକରେ ତିନୋଟି ଡିଗ୍ରୀ କଲେଜ ଓ ସାତୋଟି ଯୁକ୍ତ-୨ କଲେଜ, ୨୧ଟି ହାଇସ୍କୁଲ, ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । ତରଭା ତହସିଲ ଅଧୀନରେ ୭ଟି ଆରଆଇ ସର୍କଲ ରହିଥିବା ବେଳେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪ଟି ପିଏଚ୍ସି ଓ ୧୪ ଟି ସବ ସେଂଟର ଅଛି । ତରଭା ଅଂଚଳରେ ୨ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୩ଟି ଓଡିଶା ଗ୍ରାମୀଣ ବ୍ୟାଙ୍କ ରହିଛି । ତରଭା ଆଇସିଡିଏସ ଅଧୀନରେ ୨୬୧ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି । ଏଠାରେ ପ୍ରାଣୀଧନ ଚିକିତ୍ସାଳୟ, କୃଷି କାର୍ଯ୍ୟାଳୟ, ଜଳସେଚନ ବିଭାଗ ପ୍ରଭୃତି କାର୍ଯ୍ୟାଳୟ ମାନ ରହିଛି । ୪୮୯.୯ ବର୍ଗ କିମି ପରିବ୍ୟାପ୍ତ ତରଭା ଥାନା ଅଧୀନରେ ୨ଟି ପୁଲିସ ଫାଣ୍ଡି ରହିଛି । ଏହା ଅଧୀନରେ ମୋଟ ୨୪ ଟି ଗ୍ରାମ ପଂଚାୟତ ରହିଥିବାବେଳେ ଜନସଂଖ୍ୟା ୧ ଲକ୍ଷ ୩୦ ହଜାର (୨୦୧୧ ଜନଗଣନା)ରୁ ଅଧିକ ରହିଛି । ଏହି ଦାବୀକୁ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ନିବେଦନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ୍, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ମିଶ୍ର ପ୍ରମୁଖ ସାମିଲ ଥିଲେ ।

# 'ଓ.ଏସ.ଏ.ପି. ମିନି ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ଟୁର୍ଣ୍ଣାମେଂଟ

ଝାରସୁଗୁଡା, (ନି.ପ୍ର.) : ସ୍ଥାନୀୟ ଓ.ଏସ.ଏ.ପି. ମିନି ଷ୍ଟାଡିୟମ ଝାରସୁଗୁଡ଼ା ଠାରେ 'ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି' କିର୍ମିରା ଏଫ୍ ?ସି ବନାମ ଝାରସୁଗୁଡ଼ା ଏଫ୍ ?ସି (୧୪ ବର୍ଷରୁ କମ୍ ବାଳିକା) ମଧ୍ୟରେ ଆରମ୍ଭ ହୋଇଛି । ଏହି ଟୁର୍ଣ୍ଣାମେ[କୁ ଡିଏଏ ର ଉପ-ସଭାପତି ତଥା ୨ୟ ବାଟାଲିୟନର କମାଣ୍ଡା[ ପ୍ରସାଦ ତାମାଙ୍ଗ ମୁଖ୍ୟ ଅତିଥି ଭାବେ ଉଦ୍ ?ଘାଟନ କରିଥିଲେ । ତାଙ୍କ ସହିତ କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ବିଜୟ ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ଏହି



ମ୍ୟାଚ୍ ?କୁ ଅମିତ କୁମାର ବାଗ, ଶରତ ଚନ୍ଦ୍ର କିଷାନ, ସଞ୍ଜୟ କିଷାନ, ଶୀତଲ ଗୁରୁଙ୍ଗ ପରିଚାଳନା କରିଥିଲେ । କେ. ଜଗନ୍ନାଥ ରାଓ ମ୍ୟାଚ୍ କମିଶନର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଏହି ମ୍ୟାଚ୍ ରେ ଝାରସୁଗୁଡା ଏଫ ସି, କିର୍ମିରା ଏଫ ସି କୁ ୨-୦ ରେ ପରାସ୍ତ କରିଛି ।

# ରେଶମ ସହର ମହୋତ୍ସବ, ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ଦିବସ



ବ୍ରହ୍ମପୁର (ନି.ପ୍ର.)- ରେଶମ ସହର ମହୋତ୍ସବ ତାସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ଦିନର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ , ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରଥିଲେ କ୍ଷ ପରମ୍ପରା ଓ ପ୍ରଗତିର ପ୍ରାଣବନ୍ତ ପ୍ରତିଛବି ହେଉଛି ରେଶମ ମହୋତ୍ସବ । ଏଠି କଳା, ସାହିତ୍ୟ , ସଂସ୍କୃତି , ଜୀବନ ଓ ଜୀବିକା ଏକାକାର ହୋଇଛି । ଗଞ୍ଜାମ କଳା ପରିଷଦ ଦେଶର ସବୁଠାରୁ ପୁରାତନ ରଙ୍ଗମଂଚ । ବ୍ରହ୍ମପୁର ସହରର କୃତି କୀର୍ତି , ଇତିହାସ , ଖାଦ୍ୟ ସର୍ବଜନବିଦିତ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ଯୁବକ ଯୁବତୀ ଓ ମାତୃଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ସୁଭଦ୍ରା ଯୋଜନା ଆଜି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ଶୀଳ କରିପାରିଛି । ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ହେଉଛି ରାଜ୍ୟ ତଥା ଦେଶର ମେରୁଦଣ୍ଡ । ଏଗୁଡିକ ସଶକ୍ତ ହେଲେ ରାଜ୍ୟ ତଥା ଦେଶ ସଶକ୍ତ ହେବ । ଏହାକୁ ହୃଦୟଙ୍ଗମ କରି କେନ୍ଦ୍ର ତଥା ରାଜ୍ୟ ସରକାର ଅନେକ ଅଭିନବ ଯୋଜନା ନେଇଆସିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଗଞ୍ଜାମ ଜିଲ୍ଲା ଅଣ୍ଡା ଉତ୍ପାଦନରେ ରାଜ୍ୟରେ ପ୍ରଥମ କ୍ଷ ଅଣ୍ଡା ସହିତ ମତ୍ସ୍ୟ ଓ ଦୁଗ୍ଧ ଉତ୍ପାଦନରେ ମଧ ଗଞ୍ଜାମ ଆତ୍ମ ନିର୍ଭର ହୋଇପାରିଛି କ୍ଷ ବ୍ରହ୍ମପୁର ସହର ପାଖରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ଫୁଡ ପ୍ରୋସେସିଂ ପାର୍କ ଓ ପାଖାପାଖି ୫୦୦କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଠାରେ ସ୍ମାର୍ଟ ହାର୍ବର ନିର୍ମାଣ କରିବା ପାଇଁ ସରକାର ପରିକଳ୍ପନା କରିସାରିଛନ୍ତି ଯାହାଦ୍ୱାରା ହଜାର ହଜାର ସ୍ଥାନୀୟ ଯୁବକଯୁବତୀ ନିଯୁକ୍ତି ପାଇପାରିବେ ବୋଲି ସେ ସୂଚନା ଦେଇଥିଲେ କ୍ଷ ଏମ୍ କେ ସି ଜି ମେଡ଼ିକାଲର ଉନ୍ନତିକରଣ ପାଇଁ ପାଖାପାଖି ୧୯୮୦ କୋଟି ସରକାର ପ୍ରାବଧାନ କରିଛନ୍ତି କ୍ଷ ମୁଖ୍ୟମନ୍ତ୍ରୀ ରେଶମ ଯୋଜନା , ପିଏମ ବିଶ୍ୱକର୍ମା ଯୋଜନା ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମଧ ସେ ଆଲୋକପାତ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲାପାଳ ୱି କୀର୍ତି ୱାସନ,ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ୱଦେଶୀ ଜାଗରଣ ମଂଚ ଜିଲ୍ଲା ଯୁଗ୍ମ ସମନ୍ୱୟକ ଶ୍ରୀ ବିଜୟ କୁମାର ପ୍ରଧାନ ଯୋଗ ଦେଇ ଥିଲେ ।ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣ ଉଦ୍ୟୋଗୀଙ୍କୁ ମଂଚରେ ସମ୍ବର୍ଦ୍ଧନା ଦିଆଯାଇଥିଲା କ୍ଷ ଜିଲ୍ଲାପାଳ ଶ୍ରୀ ୱାସନ ସ୍ୱାଗତଭାଷଣ ପ୍ରଦାନ କରିଥିଲା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଙ୍ଗୀତମୟ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ଥିଲା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତ । ଏହା ସହିତ ସ୍ଥାନୀୟ ସରକାରୀ ଯୁ ଜି ହାଇସ୍କୁଲ , ବିରିବାଟିଆର ଲାଇଭ ଭୋକାଲ ,ରିୟଲ ଡାନ୍ସ ଷ୍ଟୁଡିଓର ବଲିଉଡ୍ ଷ୍ଟାଇଲ,ସାଇ ଶ୍ରୀ ନୃତ୍ୟାୟନ ଛତ୍ରପୁରର ରାଜସ୍ଥାନୀ ,ଗଞ୍ଜାମ ଫୋକ ଡାନ୍ସ ସେ[ର୍ ନରେନ୍ଦ୍ରପୁରର ରଣପା ନୃତ୍ୟ ,ବ୍ରହ୍ମପୁରର କଳାଂଚଳୀ ଆର୍ଟିଷ୍ଟଙ୍କ ଦ୍ୱାରା ଆଧୁନିକ ନୃତ୍ୟ, ଛତ୍ରପୁର ପ୍ରଗତିକଳା କେନ୍ଦ୍ରର ନବଦୁର୍ଗା ନୃତ୍ୟ ଏବଂ ଭବାନୀପାଟଣା ରୁ ଆସିଥିବା ଶୁଭମ ଗ୍ରୁପର ବଜାସାଲ ନୃତ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ ।

# ଅବକାରୀ ବିଭାଗକୁ ସଫଳତା, ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ସହ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର (ନି.ପ୍ର.): ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଓଡିଆଣୀ ଢାବାରେ ଏକ ବିଦେଶୀ ମଦ ବିକ୍ରି ମାମଲାରେ ଜଣକୁ ଗିରଫ କରିଛି ଅବକାରୀ ଗୁଇନ୍ଦା ପୋଲିସ କ୍ଷ ଗିରଫ ଅଭିଯୁକ୍ତ ଜଣକ ପୁରୁଷୋତମପୁର ଅଂଚଳର ସଚିଦ୍ର ଦାଶ କ୍ଷ ଅଭିଯୁକ୍ତ ନିକଟରୁ ପୋଲିସ ବିଭିନ୍ନ ବ୍ରାଣ୍ଡର ୧୧.୩୪୦ ଲିଟର ଓଗରଖ ଓ ବିଭିନ୍ନ ବ୍ରାଣ୍ଡର ୨୪.୭୦୦ ଲିଟର ବିୟର ଜବତ କରାଯାଇଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଗୁଇନ୍ଦା ବିଭାଗ ଉପ ଅଧିକ୍ଷକ ସ୍ମୃତି କାନ୍ତ ରାଉତ ସୂଚନା ଦେଇଛନ୍ତି କ୍ଷ ଅବକାରୀ ବିଭାଗ ଟିମରେ ସୁଶ୍ରୀ ସଂଗୀତ ମହାପାତ୍ର, ପ୍ରବୀର ସାମଲ, ସରୋଜ ସ୍ୱାଇଁ, ଭଗବାନ ହେମ୍ବ୍ରମ, ସୁମିତ୍ରା ସାହୁ, ସଂଜୟ ପାତ୍ର ପ୍ରମୁଖ ସାମିଲ ଥିଲେ ।

# ମଡେଲ ଡିଗ୍ରୀ କଲେଜ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ

ନୟାଗଡ (ନି.ପ୍ର.)- ଲାଠିପଡ଼ାସ୍ଥିତ ମଡେଲ ଡିଗ୍ରୀ କଲେଜ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଅଛି । ଛାତ୍ର ସଂସଦ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମଧୁସ୍ମିତା ମହାପାତ୍ର, ଡକ୍ଟର ପ୍ରକାଶ କୁମାର ସାହୁ, ଡକ୍ଟର ଅନୀୟ କୁମାର ସାମନ୍ତରା, ବିଜୟ କୁମାର ସାହୁଙ୍କ ସୁପରିଚାଳନାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ



ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଭାବେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ୨୦୨୪-୨୫ ଶିକ୍ଷାବର୍ଷର ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ଶୁଭସ୍ମିତା ମହାନ୍ତି 'ଶ୍ରେଷ୍ଠ ସ୍ନାତକ' ଟ୍ରଫି ସହିତ ଦୁଇ ହଜାର ଟଙ୍କା ନଗଦ ରାଶି ପୁରସ୍କାର ଓ 'ଶ୍ରେଷ୍ଠ ଲିଟେରାରୀ ପୁରସ୍କାର' ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀ ସସ୍ମିତା ପ୍ରଧାନ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀ ଗୌରମୋହନ ସାହୁ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ସଭାକାର୍ଯ୍ୟ ଦୀପିକା ରାଣୀ ତୁରୁକ୍ ପରିଚାଳନା କରିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀମାନଙ୍କ ସହ ଡକ୍ଟର ସନ୍ତୋଷ କୁମାର ବେହେରା, ଡକ୍ଟର ଜ୍ୟୋସ୍ନାରାଣୀ କର, ଡକ୍ଟର ଅପରାଜିତା ମିଶ୍ର, ରୀନାବାଳା ଘଡ଼େଇ, ଡକ୍ଟର ସୁନୀଲ ଚନ୍ଦ୍ର ପ୍ରଧାନ, ରିତିଶ୍ରୀ ମଲ୍ଲିକ, ବିଭୁତି ଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଲାୟନ୍ସ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଜଳେଶ୍ୱର,(ନି ପ୍ର ) ଜଳେଶ୍ୱର ବ୍ଲକ୍ ବରଡିହା ପଂଚାୟତ ଶାଳବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ଶୁକ୍ରବାର ୯ ଘଟିକା ସମୟ ରେ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଛି ।ଗ୍ରାମାଂଚଳର ଲୋକଙ୍କ ପାଖରେ ପହଂଚି ଲୋକଙ୍କ ଚକ୍ଷୁଜନିତ ରୋଗର ଉତମ ଚିକିତ୍ସାର ସେବା ଯୋଗାଇବାର ସୁନ୍ଦର ପ୍ରୟାସ,ଲୋକଙ୍କ ଗହଣରେ ଆନନ୍ଦ ସୃଷ୍ଟି କରିଛି ।ଏଥିରେ ଅତିଥି ଭାବେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡାକ୍ତର ଭୀଷ୍ମ ଚରଣ ପରିଡା ଯୋଗ ଦେଇ ଶିବିର କୁ ଶୁଭ ଉଦଘାଟନ କରି ଆରମ୍ଭ କରି ଥିଲେ । ଚକ୍ଷୁ ପରିକ୍ଷଣ ଶିବିର ରେ ୫୮ ଜଣ ରୋଗୀ ଚକ୍ଷୁ ପରୀକ୍ଷା ପାଇଁ ଆସିଥିଲେ ସେଥିରୁ ୧୬ ଜଣ ରୋଗୀ ଙ୍କର ଆଖି ମୋତିଆ ବିନ୍ଦୁ ର ଅସ୍ତ୍ର ପ୍ରଚାର କରାଯିବ । ଏହି ଶିବିରରେ କ୍ଲବ ପକ୍ଷରୁ ସଭାପତି ପ୍ରଶାନ୍ତ ପ୍ରଧାନ, ବିନୋଦ ସାହୁ, ଏସକେ ସବିର, ଗିରିଜା ଶଙ୍କର ଦାସ, କପିଳ ମହାନ୍ତି,ଦିପେନ୍ଦୁ କର, ଗୌତମ ପ୍ରଧାନ, ଏସ କେ ଅବିଉଦିନ୍, ମନୋଜ ଗୁପ୍ତା, ରାଜେଶ ଠକ୍କର, ଦୂର୍ଗା ଶଙ୍କର ଖଣ୍ଡେଲୱାଲ, ସତ୍ୟନାରାୟଣ ମହାପାତ୍ର, ରାଜ କିଶୋର ଦାସ ସହିତ ଶାଳବଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଡାକ୍ତର ଗୌରବ କୁମାର୍ ବେହେରା ଏବଂ ଆୟୁଷ ଚିକିତ୍ସକ ଅଜୟ କୁମାର ଜେନା ଉପସ୍ଥିତ ଥିଲେ ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ବର୍ଗ ଉଦ୍ଯାପିତ

ମାଲକାନଗିରି,(ହି.ସ.) – ମାଲକାନଗିରି ଜିଲ୍ଲା ଖଇରପୁଟ କଲ୍ୟାଣ ମଣ୍ଡପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ବିଜେପି ଖଇରପୁଟ ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଆଜି ଉଦଯାପିତ ହୋଇଯାଇଛି । ପ୍ରଥମେ ନୂତନ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଥିବା ଦୁଇଜଣ ରାଜ୍ୟ ଡମ୍ବରୁ ଶିଶା ଓ ସନ୍ତୋଷିନୀ ପାତ୍ରଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ପ୍ରଶିକ୍ଷଣ ବର୍ଗରେ ବିଜେପି ଖଇରପୁଟ ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ବେହେରା ସଭାପତିତ୍ୱ କରିଥିବା ବେଳେ ପ୍ରଶିକ୍ଷଣ ବର୍ଗର ୬ ଜଣ ବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷିନୀ ପାତ୍ର, କିଆଙ୍ଗ ମଣ୍ଡଳ ସଭାପତି କୁଶ ତାଟି, ବରିଷ୍ଠ କାର୍ଯ୍ୟକର୍ତା କୁନାଲ ମିଶ୍ର, ପାଙ୍ଗମ ପୂର୍ବତନ ମଣ୍ଡଳ ସଭାପତି ହଳଧର କୋପେ ଓ ଖଇରପୁଟ ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି ପ୍ରମୁଖ ମଂଚରେ ମଂଚାସୀନ ଥିଲେ । ଏଥିରେ ଉପସ୍ଥିତ ଥିବା ସମସ୍ତ ଖଇରପୁଟ ମଣ୍ଡଳ କାର୍ଯ୍ୟକର୍ତାମାନଙ୍କୁ ବକ୍ତା ମାନ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା , ସୋସିଆଲ ମିଡିଆ ସରଳ ଆପ ଓ ନୋମ ଆପ, ମନ୍ କି ବାତ୍, ଆଇଡୋଲୋଜି ଫାଉଣ୍ଡେସନ, ବିଜେପିର ଇତିହାସ, କାର୍ଯ୍ୟ ବିସ୍ତାର ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ଖଇରପୁଟ ସରପଂଚ ଦୈମତି ଗୋଲପେଦା, ରାସବେଡ଼ା ସରପଂଚ ପ୍ରମିଳା ଗୁଁଟା, ଖଇରପୁଟ ନାୟବ ସରପଂଚ ମନୋଜ ସାହୁଙ୍କ ସହ ମଣ୍ଡଳ ପଦାଧିକାରୀ, ପଂଚାୟତ ପ୍ରମୁଖ, ବୁଥ ସଭାପତି, ବୁଥ ଗେଷ୍ଟ, ବିଏଲଏ ୨ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ ମଂଚ ପରିଚାଳନା କରିଥିବାବେଳେ ମଣ୍ଡଳର ସମସ୍ତ କର୍ମୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଭୁବନ ଏନ୍ଏସି ୧ ନମ୍ବର ୱାର୍ଡର ଆକ୍ସନ ପ୍ଲାନ୍

ଭୁବନ, (ହି.ସ.) – ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦର ସର୍ବାଧିକ ଶିକ୍ଷିତ,ସଚେତନ ୱାର୍ଡ ଭାବେ ପରିଚିତ ୧ ନମ୍ବର ୱାର୍ଡରେ ଲୋକପ୍ରିୟ କାଉନସିଲର ଗିରିଧାରୀ ସାହୁ ୨୦୨୬-୨୭ ବର୍ଷ ନିମନ୍ତେ ଆକ୍ସନ ପ୍ଲାନ୍(କାର୍ଯ୍ୟ ଖସଡା) ପ୍ରସ୍ତୁତ କରି ଜନ ସାଧାରଣଙ୍କ ମତ ଲୋଡ଼ିଛନ୍ତି । କାଉନସିଲର ଶ୍ରୀ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି ଯେ, ବର୍ତମାନ ଗ୍ରୀଷ୍ମଋତୁ ଆରମ୍ଭ ରୁ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି । ଏଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ(ଗୋଡ଼ି ପୋଖରୀ ଛକ) ଏବଂ ବଉଳ ଛକ ରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଉ । ଡାକ ବଙ୍ଗଳା ଛକ ତହସିଲଦାର ଙ୍କ ବାସଭବନ ଠାରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦେଇ ଗୌରାଙ୍ଗ ବେହେରା ଘର ପର୍ଯ୍ୟନ୍ତ ରାସ୍ତାଟି ଭାଙ୍ଗିରୁଜି ଯାଇଛି । ଏହାର ପୁନଃ ନିର୍ମାଣ(ପେଭର ବ୍ଲକ ରାସ୍ତା) କରାଯାଉ । ବର୍ଷା ଦିନ ପୂର୍ବରୁ ଆଦର୍ଶ ପୋଖରୀ 'ଗୋଡ଼ି ପୋଖରୀ 'ର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ । ଭୁବନ – ଢେଙ୍କାନାଳ ମୁଖ୍ୟ ରାସ୍ତାର ଆଇସିଆଇସିଆଇ ବ୍ୟାଙ୍କ ନିକଟରୁ ସଦାନନ୍ଦ ନାୟକଙ୍କ ଘର ପର୍ଯ୍ୟନ୍ତ ରାସ୍ତାକୁ ପେଭର ବ୍ଲକ ରାସ୍ତା ନିର୍ମାଣ । କୋଦଣ୍ଡ ପୃଷ୍ଟି ଘର ଠାରୁ ପ୍ରଭାତ କୁଅଁର ଘର ପର୍ଯ୍ୟନ୍ତ ସିସି ରୋଡ ନିର୍ମାଣ । ଟୋଲଙ୍କବେରେଣି ସ୍ଥିତ ବିପଦ ସଙ୍କୁଳ କେନାଲ ବ୍ରିଜ୍ କୁ ଭାଙ୍ଗି ସମତଳ ରାସ୍ତା ନିର୍ମାଣ । ପ୍ରଭାତ କୁଅଁର ଘର ଠାରୁ ବାଙ୍କନିଧି ବିହାରୀ ଘର ପର୍ଯ୍ୟନ୍ତ ସି ସି ରୋଡ ନିର୍ମାଣ । କେନାଲ ଦକ୍ଷିଣ ପାର୍ଶ୍ୱର ଜମି ଜବର ଦଖଲ ମୁକ୍ତ କରାଯାଇ ସେଠାରେ ଏକ କମ୍ୟୁନିଟୀ ହଲ ଏବଂ ଏକ ଶିଶୁ ଉଦ୍ୟାନ ନିର୍ମାଣ । ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ସମ୍ମୁଖ ପେଭର ବ୍ଲକ ରାସ୍ତାର ପୁନଃ ନିର୍ମାଣ । ସିନେମା ହଲ ଛକ ଦ୍ୱିବେଦୀ କ୍ଲିନିକ୍ ଠାରୁ ନନ୍ଦ ଗୁରୁ ଘର ପର୍ଯ୍ୟନ୍ତ ସିସି ରୋଡ ନିର୍ମାଣ । ପୁରୁଣା ମହିଳା ମହାବିଦ୍ୟାଳୟ ସ୍ଥାନରେ ପୂର୍ବ ପ୍ରସ୍ତାବିତ ଅଡିଟୋରିୟମ ହଲ ନିର୍ମାଣ ଏବଂ ସୂଚନା କେନ୍ଦ୍ର ଓ ପାଠାଗାର ଜାଗାରେ ପ୍ରସ୍ତାବିତ ଅତ୍ୟାଧୁନିକ ଇ-ଲାଇବ୍ରେରୀ ନିର୍ମାଣ କରାଯିବାକୁ ନଗରପାଳ ଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ଏହା ବାଦ୍ ଜନସାଧାରଣଙ୍କ ମତାମତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଯିବ ବୋଲି କାଉନସିଲର ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ (ନି.ପ୍ର.)ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଓଡ଼ିଆ ପ୍ରଶାସନିକ ଭାଷା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା ।ଡେପୁଟି କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ ।ଏଥିରେ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଯୋଗ ଦେଇ ପ୍ରଶାସନିକ ଭାଷା ଜ୍ଞାନ ସମ୍ପର୍କରେ ପରୀକ୍ଷା ଦେଇଥିଲେ ।ଏହି ପ୍ରତିଯୋଗିତାରେ



ଅଭିଜିତ ପ୍ରଧାନ ପ୍ରଥମ,ଶୁଭ ନାରାୟଣ ଶତପଥୀ ଦ୍ୱିତୀୟ,ରାମକୃଷ୍ଣ ବଡଡଜେନା, ମନୋରମା ସାହୁ, ସଞ୍ଜୟ ମିଶ୍ର ଓ ବିଶ୍ୱନାଥ ମହାପାତ୍ର ଯୁଗ୍ମ ତୃତୀୟ ହୋଇଥିଲେ ।ଓଡ଼ିଆ ପକ୍ଷ ର ଶେଷ ଦିବସ ରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସୂଚନା ଦେଇଛନ୍ତି ।

# ମେ’ ୯ ଯାଏ ଘୁଂଚିଲା ଓଟିଇଟି ଆବେଦନ




କଟକ : ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଓଡ଼ିଶା ଟିଚର୍ ଇଲିଜିବିଲଟି ଟେଷ୍ଟ ( ଓଟିଇଟି) - ୨୦୨୬ ଆବେଦନ ସମୟକୁ ମେ’ ମାସ ୯ ତାରିଖ ପର୍ଯ୍ୟନ୍ତ ବୋର୍ଡ ପକ୍ଷରୁ ଘୁଂଚାଇ ଦିଆଯାଇଛି । ଏହି ପରୀକ୍ଷା ଲାଗି ଆବେଦନର ଶେଷ ସମୟ ଗୁରୁବାର ରାତି ୧୨ ଟା ପର୍ଯ୍ୟନ୍ତ ଥିଲା । ଉକ୍ତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅନେକ ପ୍ରାର୍ଥୀ ଆବେଦନ କରିପାରି ନଥିବାରୁ ବୋର୍ଡ ପକ୍ଷରୁ ଓଟିଇଟି ଆଶାୟୀଙ୍କୁ ସୁଯୋଗ ଦିଆଯାଇଛି । ଅଦ୍ୟାବଧି ଉକ୍ତ ପରୀକ୍ଷା ୭୦ ହଜାରରୁ ଅଧିକ ପ୍ରାର୍ଥୀ ଆବେଦନ କରିଥିବାର ସୂଚନା ମିଳିଛି । ଆବେଦନାକରୀଙ୍କ ମଧ୍ୟରେ ଅନେକ ଇନ୍ସର୍ଭିସ୍ ଶିକ୍ଷକ ଥିବାର ଖବର ମିଳିଛି । ଆବେଦନର ଶେଷ ସମୟ ଆହୁରି ମାସେ ବଢ଼ାଇ ଦିଆଯାଇଥିବାରୁ ଲମ୍ବା ସମୟ ମଧ୍ୟରେ ଅନେକ ପ୍ରାର୍ଥୀ ଆବେଦନ କରିବାକୁ ସୁଯୋଗ ପାଇବେ । ଫଳରେ ଆବେଦନକାରୀଙ୍କ ସଂଖ୍ୟା ଏକ ଲକ୍ଷ ପାର କରିବ ବୋଲି ଚର୍ଚ୍ଚା ହେଉଛି ।

# ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ପୋଷାକ ବଂଟନ ନେଇ ଏସଓପି ଜାରି

ଭୁବନେଶ୍ୱର : ଏପ୍ରିଲ ୨୭ ସୁଦ୍ଧା ସବୁ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ପୋଷାକ ବଂଟନ ନେଇ ଏସଓପି ଜାରି ହୋଇଛି । ଛୁଟି ଭିତରେ ସମସ୍ତଙ୍କୁ ଡ୍ରେସ ଯୋଗାଇ ଦିଆଯିବ । ୧୦ ତାରିଖ ଭିତରେ ଶ୍ରେଣୀ ବର୍ଗ ହିସାବରେ ନିର୍ଦ୍ଧାରଣ କରାଯିବା ସହ ୧୨ ତାରିଖ ସୁଦ୍ଧା ଏଜେନ୍ସି ଚୟନ କରାଯାଇ କାର୍ଯ୍ୟାଦେଶ ବଂଟନ କରାଯିବ । ଯେଉଁ ମାନେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିଲେ,ସେମାନଙ୍କ ନାଁରେ କିଛି ଅଭିଯୋଗ ଥିଲେ କାଟି ଦିଆଯିବ । ଯେଉଁମାନଙ୍କ ନାଁରେ କିଛି ଅଭିଯୋଗ ନାହିଁ ସେମାନଙ୍କୁ ପୋଷାକ ବଂଟନ ଦାୟିତ୍ୱ ଦିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସେହିପରି ସ୍କୁଲ ଛୁଟି ନେଇ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି ଯେ, କେବେ ସ୍କୁଲ ଛୁଟି ହେବ କିଛି ନିଷ୍ପତି ହୋଇନି । ସମୟ ଦେଖି ସଠିକ୍ ସମୟରେ ନିଷ୍ପତି ନିଆଯିବ ।








# ଧୈର୍ଯ୍ୟ ଓ ବିବେକପୂର୍ଣ୍ଣ ବିଚାରର ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ସଂସ୍କୃତ ସୁଭାଷିତ ସେୟାର କରି କଠିନ ପରିସ୍ଥିତିରେ ଶାନ୍ତ ରହିବା ଏବଂ ବିବେକପୂର୍ଣ୍ଣ ସିଦ୍ଧାନ୍ତ ନେବାର ଗୁରୁତ୍ୱକୁ ରେଖାଙ୍କିତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ରେ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଦେଶର ଯୁବମାନେ ଯାହା ଠାଣିନିଅନ୍ତି, ତାହା କରିଦେଖାନ୍ତି । ସେ କହିଛନ୍ତି ଯୁବଶକ୍ତିର ସାମର୍ଥ୍ୟ ହିଁ ରାଷ୍ଟ୍ରକୁ ଦ୍ରୁତ ଗତିରେ ଉନ୍ନତିର ପଥରେ ଆଗକୁ ନେଉଛି । ପ୍ରଧାନମନ୍ତ୍ରୀ ଏହି ସୁଭାଷିତ ସେୟାର କରିଛନ୍ତି— “ବ୍ୟସନେ ବା ଅର୍ଥକୃଚ୍ଛେ ବା ଭୟେ ବା ଜୀବନାନ୍ତକେ । ବିମୃଶନ୍ ବୈ ସ୍ୱୟା ବୁଦ୍ଧ୍ୟା ଧୃତିମାନ୍ ନାବସୀଦତି” ଏହି ସୁଭାଷିତର ଅର୍ଥ ହେଉଛି ଯେ ବିପଦ, ଆର୍ଥିକ ସଙ୍କଟ, ଭୟ କିମ୍ବା ଜୀବନର ଶେଷ କ୍ଷଣ ଭଳି କଠିନ ପରିସ୍ଥିତିରେ ଯେଉଁ ବ୍ୟକ୍ତି ଧୈର୍ଯ୍ୟ ରଖି ନିଜ ବୁଦ୍ଧିରେ ଭାବିବେ, ସେ କେବେ ବି ଭ୍ରମିତ ହେବେ ନାହିଁ । ଶାନ୍ତ ଓ ଭାବିଚିନ୍ତିତ ସିଦ୍ଧାନ୍ତ ନେବା ଲୋକଙ୍କୁ ଦୁଃଖ ଓ କ୍ଷତିରୁ ରକ୍ଷା କରେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ସନ୍ଦେଶ ମାନସିକ ଦୃଢ଼ତା ଏବଂ ରାଷ୍ଟ୍ର ଗଠନରେ ଯୁବମାନଙ୍କର ଭୂମିକାକୁ ପ୍ରକାଶ କରେ ।

# ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ



ଭୁବନେଶ୍ୱର : ପୁଣି ତେଜିଲା ମେଟ୍ରୋ ରାଜନୀତି । ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭୁବନେଶ୍ୱର ସାଂସଦ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଭୁବନେଶ୍ୱର ପାଇଁ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ରାଜ୍ୟ କ୍ୟାବିନେଟର ନିଷ୍ପତିର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି । ସାଂସଦ ପ୍ରକଳ୍ପର ଆକସ୍ମିକ ବନ୍ଦ ଉପରେ ଚିନ୍ତା ପ୍ରକାଶ କରି ଏହାକୁ ଏକ ବୃହତ ଜନସ୍ୱାର୍ଥର ପ୍ରସଙ୍ଗ ବୋଲି କହିଛନ୍ତି । ସେ କହିଛନ୍ତି ଯେ ରାଜଧାନୀ ସହରରେ ଦ୍ରୁତ ସହରୀକରଣ ଏବଂ ଜନସଂଖ୍ୟା ବୃଦ୍ଧି ହେଉଥିବା ସମୟରେ ଏହି ନିଷ୍ପତି ଜନସାଧାରଣଙ୍କ ଚିନ୍ତାକୁ ବୃଦ୍ଧି କରିଛି । ବୃଦ୍ଧି ପାଉଥିବା ଟ୍ରାଫିକ୍ ଭିଡ଼ ଏବଂ ଚାଲୁଥିବା ସାର୍ବଜନୀନ ପରିବହନ ବ୍ୟବସ୍ଥା ଉପରେ ଚାପ ଏକ ଆଧୁନିକ ଏବଂ ସ୍ଥାୟୀ ଗତିଶୀଳତା ସମାଧାନ ଗ୍ରହଣ କରିବା ଆବଶ୍ୟକ କରିଛି । ସେ ମେଟ୍ରୋ ରେଳକୁ ଏକ ଦୀର୍ଘକାଳୀନ, ଉଚ୍ଚ-କ୍ଷମତା ଏବଂ ମୂଲ୍ୟ-ଦକ୍ଷ ପରିବହନ ବ୍ୟବସ୍ଥା ଭାବରେ ବର୍ଣ୍ଣନା କରିଥିଲେ ଯାହା କେବଳ ଭୁବନେଶ୍ୱରରେ ନୁହେଁ ବରଂ କଟକ, ଜଟଣୀ ଏବଂ ଖୋର୍ଦ୍ଧା ଭଳି ନିକଟବର୍ତ୍ତୀ ଅଂଚଳଗୁଡ଼ିକରେ ମଧ୍ୟ ସଂଯୋଗୀକରଣକୁ ପରିବର୍ତ୍ତନ କରିପାରିବ । ସାଂସଦ ଆହୁରି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ ସମାଜର ଏକ ବିସ୍ତୃତ ବର୍ଗକୁ ଲାଭ ପହଂଚାଇବ, ଯେଉଁଥିରେ ବରିଷ୍ଠ ନାଗରିକ, ମହିଳା, ଛାତ୍ର, କର୍ମଜୀବୀ ବୃତିଗତ ଏବଂ ବିକ୍ରେତା ମଧ୍ୟ ସାମିଲ ହେବେ, ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସୁଗମତାକୁ ମଧ୍ୟ ଉନ୍ନତ କରିବେ । ସେ କହିଛନ୍ତି ଯେ ଭୁବନେଶ୍ୱର, କଟକ ଏବଂ ଖୋର୍ଦ୍ଧାର ବର୍ଦ୍ଧିତ ସମନ୍ୱୟ, ପରିକଳ୍ପିତ ଜନସଂଖ୍ୟା ବୃଦ୍ଧି ସହିତ, ଏକ ମେଟ୍ରୋ ସିଷ୍ଟମର ଆବଶ୍ୟକତାକୁ ଯଥାର୍ଥ କରେ । ସାଂସଦ ଏହି ପ୍ରକଳ୍ପକୁ ରାଜ୍ୟ ନିବେଶକ-ଅନୁକୂଳ ଗନ୍ତବ୍ୟସ୍ଥଳ ହେବାର ମହତ୍ୱାକାଂକ୍ଷା ସହିତ ମଧ୍ୟ ଯୋଡ଼ିଥିଲେ, କହିଥିଲେ ଯେ ପର୍ଯ୍ୟଟନ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ପାଇଁ ଆଧୁନିକ ସହରାଂଚଳ ପରିବହନ ଅତ୍ୟାବଶ୍ୟକ । ତେଣୁ ଏହା ଉପରେ ପୁନଃବିଚାର ନିହାତି ଆବଶ୍ୟକ । ଅପରାଜିତା ଏହା ବି ଦର୍ଶାଇଥିଲେ ଯେ କେବଳ ଜନସଂଖ୍ୟା ମାନଦଣ୍ଡ କିମ୍ବା ଆର୍ଥିକ ସମ୍ଭାବ୍ୟତା ପ୍ରକଳ୍ପକୁ ପ୍ରତ୍ୟାଖ୍ୟାନ କରିବାର କାରଣ ହେବା ଉଚିତ୍ ନୁହେଁ । କାରଣ ଦେଶର ଅନେକ ଟାୟାର ୨ ସହରରେ ମେଟ୍ରୋ ସେବା ପୂର୍ବରୁ କାର୍ଯ୍ୟକ୍ଷମ ଅଛି ଏବଂ ଅନ୍ୟ ଅନେକ ସହରରେ ନିର୍ମାଣାଧୀନ କିମ୍ବା ଯୋଜନାଧୀନ ଅଛି, ଏପରିକି ଯେଉଁଠାରେ ଜନସଂଖ୍ୟା ସୀମା କମ୍ ଅଛି । ସେ ଆର୍ଥିକ ପ୍ରଭାବ ଉପରେ ମଧ୍ୟ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ ପ୍ରକଳ୍ପରେ ପ୍ରାୟ ୨୭୪ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି । ଏହାକୁ ଏବେ ବିଳମ୍ବ କରିବା କିମ୍ବା ବନ୍ଦ କରିବା ଭବିଷ୍ୟତରେ ବଡ଼ ଖର୍ଚ୍ଚ ବୃଦ୍ଧି କରିପାରେ, ଏକ ଦଶନ୍ଧି କିମ୍ବା ତା’ଠାରୁ ଅଧିକ ସମୟ ପରେ ପୁନରୁଦ୍ଧାର ହେଲେ ଖର୍ଚ୍ଚ ଦୁଇରୁ ଚାରି ଗୁଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଅପରାଜିତା ପ୍ରକାଶ କରିଛନ୍ତି । ତେଣୁ ଓଡ଼ିଶା ଯେପରି ପଛରେ ନପଡିଯାଉ, ଏଥିପାଇଁ, ସାଂସଦ ୪ ଏପ୍ରିଲରେ ନିଆଯାଇଥିବା କ୍ୟାବିନେଟ ନିଷ୍ପତିକୁ ପୁନର୍ବାର ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଏବଂ କେନ୍ଦ୍ର ସହିତ ସମନ୍ୱୟକୁ ସହଜ କରିବା ଏବଂ ପ୍ରକଳ୍ପକୁ ଆଗକୁ ବଢାଇବା ପାଇଁ ପାଣ୍ଠି ବିକଳ୍ପ ଅନୁସନ୍ଧାନ କରିବାରେ ତାଙ୍କର ସହାୟତା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

# ମେଟ୍ରୋ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ବିଚାରାଧୀନ ଅଛି : ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର : ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନି ସାମୟିକ ସ୍ଥଗିତ ରହିଛି । ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନି । ସେ ଅଫିସ ମଧ୍ୟ ଚାଲୁ ରହିଛି । ସମୟିକ ସ୍ଥଗିତ ରହିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି । ମୁଖ୍ୟମନ୍ତ୍ରୀ କେଉଁଠି ମନା କରି ନାହାନ୍ତି ଏହା ମୁଖ୍ୟମନ୍ତ୍ରୀଙ୍କ ବିଚାରଧୀନ ରହିଛି । ଯେତେବେଳେ ଟେଷ୍ଟ ହେଲା ସେତେବେଳେ କେତେ ସମସ୍ୟା ହେଲା ଲୋକ ଯିବା ଆସିବା କରି ପାରିଲେନି । ଦୀର୍ଘ ଦିନ ଧରି ଯଦି କାମ ହୋଇଥାନ୍ତା । ପରିସ୍ଥିତି କଣ ହେଇଥାନ୍ତା । ବାଇପାସ ରାସ୍ତାର ମଧ୍ୟ ବ୍ୟବସ୍ଥା ହେଉଛି । ଆଜି ନହେଲେ କାଲି ମେଟ୍ରୋର ଆବଶ୍ୟକତା ଅଛି । ମୁଖ୍ୟମନ୍ତ୍ରୀଙ୍କ ବିଚାରଧୀନ ଅଛି । ମୁଖ୍ୟମନ୍ତ୍ରୀ ମନା କରି ନାହାନ୍ତି । ଅନ୍ତଃ ମନ୍ତ୍ରୀ ସ୍ତରୀୟ କମିଟି ମଧ୍ୟ ଗଠନ ହେଇଛି । ଅନୁଧ୍ୟାନ ହେଉଛି କେଉଁ ଉପାୟରେ ହେବ ବିଚାର କରାଯାଉଛି । ଏବେ ଯାହା ହେବ କେନ୍ଦ୍ର ସରକାରଙ୍କ ସହାୟତାରେ ସହଯୋଗରେ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ରାଜ୍ୟରେ ଏଲପିଜି ଗ୍ୟାସ କଳାବଜାରୀ ରୋକିବା ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର : ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ଥିତି ସ୍ୱାଭାବିକ ରହିଛି । ମାତ୍ର କୌଣସି କାରଣ ନଥାଇ କିଛି ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହାକୁ ଭିତିକରି ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀ ମାନେ ଟିମ ମାନ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଂଚ କରୁଛନ୍ତି । ଏହି ଟିମ ଗୁଡିକ ଦୈନିକ ଭାବେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି ।

# ଏପ୍ରିଲ ୧୨ ଏବଂ ୧୩ରେ ଭୁବନେଶ୍ୱରରେ ‘ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬’ ର ଗ୍ରାଣ୍ଡ ଫିନାଲେ




ଭୁବନେଶ୍ୱର : ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ମାଇଁ ଭାରତ, ଭୁବନେଶ୍ୱର ଏପ୍ରିଲ ୧୨ – ୧୩ ରେ ‘ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬‘ ର ଗ୍ରାଣ୍ଡ ଫିନାଲେ ଆୟୋଜନ କରିବ । ଏହା ଶିକ୍ଷା ’ଓ’ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ । ମାଇଁ ଭାରତର ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ପ୍ରସନ୍ନ ମେହେର, ଏନ୍ ଏସ ଏସ ର ଯୁବ ଅଧିକାରୀ ଏ ଏସ କବୀର୍, ଏବଂ ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱରର ବିକାଶ ରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬ର ଗ୍ରାଣ୍ଡ ଫିନାଲେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଓଡ଼ିଶା ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ମନୋନୀତ ଯୁବକ ଯୁବତୀମାନେ ଏଥିରେ ଅଂଶଗ୍ରହଣ କରିବେ । ଏହି ମନୋନୀତ ପ୍ରତିଯୋଗୀମାନେ ଏକ କଠିନ ବହୁ-ସ୍ତରୀୟ ଜାତୀୟ ପ୍ରତିଯୋଗିତା ମାଧ୍ୟମରେ ଆଗକୁ ବଢିଛନ୍ତି । ଏହି ପ୍ରୟାସ କେନ୍ଦ୍ରୀୟ ବଜେଟ୍ ୨୦୨୬କୁ ଯୁବ ନାଗରିକଙ୍କ ଆକାଂକ୍ଷା ସହିତ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ବୋଲି ମାଇଁ ଭାରତର ଅଧିକାରୀମାନେ ଜୋର ଦେଇ କହିଥିଲେ । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣମୂଳକ ଶାସନର ନୀତିକୁ ପ୍ରତିପାଦନ କରେ । ଏହା ’ବିକଶିତ ଭାରତ ଅ୨୦୪୭’ର ବ୍ୟାପକ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି ଯୁବପିଢ଼ିଙ୍କୁ ନୀତି ଆଲୋଚନାର କେନ୍ଦ୍ରରେ ରଖିବାର ଲକ୍ଷ୍ୟ ରଖିଛି । ସମ୍ମିଳନୀରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ‘ନାରୀ ଶକ୍ତି : ଏକ ବିକଶିତ ଭାରତର ସ୍ୱର’ ବିଷୟବସ୍ତୁ ଉପରେ ଏକ ’ମହିଳା ଯୁବ ସଂସଦ’ର ସଂଗଠନ, ବିଶେଷଜ୍ଞ ପ୍ୟାନେଲ ଆଲୋଚନା ଏବଂ ପାରସ୍ପରିକ ଆଲୋଚନା ଅଧିବେଶନ ଅନ୍ତର୍ଭୁକ୍ତ । ଏଥିରେ ଅଂଶଗ୍ରହଣକାରୀମାନେ ବିକାଶ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା କରିବେ । ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରୁଥିବା ’ରବିବାରରେ ସାଇକେଲ୍ ବ୍ୟବହାର’ (ସଣ୍ଡେଜ୍ ଅନ୍ ସାଇକେଲ୍) ପଦକ୍ଷେପ ଭଳି ସାମୁଦାୟିକ ସମ୍ପୃକ୍ତି କାର୍ଯ୍ୟକଳାପ ମଧ୍ୟ ପ୍ରଦର୍ଶିତ ହେବ । ଅଧିକାରୀମାନେ ଏହା ମଧ୍ୟ ଦୋହରାଇଥିଲେ ଯେ, ମାଇଁ ଭାରତ ବଜେଟ୍ କ୍ୱେଷ୍ଟରେ ଦେଶବ୍ୟାପୀ ୧୨ ଲକ୍ଷରୁ ଅଧିକ ଯୁବକ ଅଂଶଗ୍ରହଣ କରିଛନ୍ତି, ଯାହା ଏହାକୁ ଦେଶର ସର୍ବବୃହତ ଯୁବ ନୀତି ସମ୍ପୃକ୍ତି ଅଭ୍ୟାସ ମଧ୍ୟରୁ ଗୋଟିଏ କରିଛି ।

# ପଶ୍ଚିମ ଏସିଆରେ ସାମ୍ପ୍ରତିକ ବିକାଶ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ବିକଶିତ ପରିସ୍ଥିତି ବିଷୟରେ ଗଣମାଧ୍ୟମକୁ ଅବଗତ ରଖିବା ପାଇଁ ଏହାର ନିରନ୍ତର ପ୍ରସାରର ଅଂଶ ଭାବରେ, ଭାରତ ସରକାର ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ, ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ଅପଡେଟ୍ ପ୍ରଦାନ କରିଥିଲେ । ଶକ୍ତି ମନ୍ତ୍ରଣାଳୟ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ର ସହିତ ଜଡିତ ଅପଡେଟ୍ ମଧ୍ୟ ସେୟାର କରିଥିଲେ । ଶକ୍ତି ମନ୍ତ୍ରଣାଳୟ ଆଲୋକପାତ କରିଛି ଯେ ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ଭାରତର ବିଦ୍ୟୁତ ବ୍ୟବସ୍ଥା ଦୃଢ଼, ଏବଂ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଚାହିଦା ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଭାବରେ ପ୍ରସ୍ତୁତ ରହିଛି । ଭାରତର ବର୍ତ୍ତମାନର ୫୩୧ ଜିଡବ୍ଲୁ ରୁ ଅଧିକ ସ୍ଥାପିତ କ୍ଷମତା ଏକ ବିବିଧ ପୋର୍ଟଫୋଲିଓକୁ ପ୍ରତିଫଳିତ କରେ, ଯେଉଁଥିରେ କୋଇଲା, ନବୀକରଣୀୟ, ଜଳ ଏବଂ ପରମାଣୁ ଉତ୍ସରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ଅଣ-ଜୀବାଶ୍ମ ଉତ୍ସ ୫୦% ରୁ ଅଧିକ । ଏହି କ୍ଷମତା ପ୍ରାୟ ୫ ଲକ୍ଷ ସର୍କିଟ୍ କିଲୋମିଟର (ସିକେଏମ୍) ର ଏକ ଦୃଢ଼ ପରିବହନ ବ୍ୟବସ୍ଥା ଏବଂ ୧୨୦ ଜିଡବ୍ଲୁ ରୁ ଅଧିକ ଆନ୍ତଃ-ଆଂଚଳିକ ସ୍ଥାନାନ୍ତର କ୍ଷମତା ଦ୍ୱାରା ସମର୍ଥିତ, ଯାହା ସମଗ୍ର ଅଂଚଳରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ପ୍ରବାହ ସୁନିଶ୍ଚିତ କରେ । ସ୍ୱଳ୍ପକାଳୀନ ଯୋଗାଣ ଚ୍ୟାଲେଞ୍ଜର ମୁକାବିଲା ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ କୋଇଲା ଷ୍ଟକ୍ ସୁନିଶ୍ଚିତ କରାଯାଉଛି । ଆମଦାନୀ ହୋଇଥିବା କୋଇଲା ଆଧାରିତ (ଆଇସିବି) ପ୍ଲାଂଟଗୁଡ଼ିକୁ ବିଦ୍ୟମାନ କ୍ଷମତାକୁ ସର୍ବାଧିକ କରିବା ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉଛି । ଗ୍ରୀଷ୍ମ ଋତୁରେ ୨୧୦,୦୦୦ ଏମଡବ୍ଲୁ ଅତିରିକ୍ତ କ୍ଷମତା ସୁନିଶ୍ଚିତ କରିବା ପାଇଁ ତାପଜ କେନ୍ଦ୍ର ରକ୍ଷଣାବେକ୍ଷଣକୁ ସ୍ଥଗିତ ରଖାଯାଇଛି । ଏପ୍ରିଲ-ଜୁନ୍ ୨୦୨୬ ମଧ୍ୟରେ ନିର୍ମାଣାଧୀନ ତାପଜ, ଜଳ, ନବୀକରଣୀୟ, ବିଇଏସଏସ ଏବଂ ପିଏସପି ପ୍ରକଳ୍ପଗୁଡ଼ିକର କମିଶନିଂ ତ୍ୱରାନ୍ୱିତ କରାଯାଉଛି । ଦୀର୍ଘକାଳୀନ ରଣନୀତି : ଶକ୍ତି ସ୍ୱାଧୀନତା ଆଡ଼କୁ ପରିବର୍ତ୍ତନ ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ଶକ୍ତି ସୁରକ୍ଷା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି । ଗତ ଦଶନ୍ଧି ଧରି, କୌଣସି ନୂତନ ଗ୍ୟାସ୍-ଆଧାରିତ କିମ୍ବା ଆମଦାନୀ ହୋଇଥିବା କୋଇଲା-ଆଧାରିତ ବିଦ୍ୟୁତ୍ କେନ୍ଦ୍ର ଯୋଜନା କରାଯାଇନାହିଁ, ଯେତେବେଳେ ବିଦ୍ୟମାନ ସମ୍ପତିଗୁଡ଼ିକୁ ଘରୋଇ ଇନ୍ଧନ ଉତ୍ସ ସହିତ ସମନ୍ୱିତ କରାଯାଉଛି । ଜାତୀୟ ବିଦ୍ୟୁତ ଯୋଜନା ଅନୁଯାୟୀ, ୨୦୩୧-୩୨ ସୁଦ୍ଧା ମୋଟ ସ୍ଥାପିତ କ୍ଷମତା ୨୮୭୪ ଜିଡବ୍ଲୁ ରେ ପହଂଚିବ ବୋଲି ଆକଳନ କରାଯାଇଛି । ଅଣ-ଜୀବାଶ୍ମ ଅଂଶ ୬୭% ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ମୁଖ୍ୟ ନୀତିଗତ ହସ୍ତକ୍ଷେପ ଡ୍ରାଇଭିଂ ସ୍ଥିତି : ସରକାର ଏହି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନୀତିଗତ ପଦକ୍ଷେପର ଏକ ଶୃଙ୍ଖଳା ହାତକୁ ନେଇଛନ୍ତି : ରାଜ୍ୟଗୁଡ଼ିକ ରୋଲିଂ ୧୦-ବର୍ଷୀୟ ସମ୍ବଳ ପର୍ଯ୍ୟାପ୍ତତା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଆଇଏସଟିଏସ୍ ଚାର୍ଜ ଛାଡ, ସବୁଜ ଶକ୍ତି କରିଡରର ବିକାଶ, ଏବଂ ପିଏମ କୁସୁମ, ପିଏମ ସୂର୍ଯ୍ୟ ଘର ଏବଂ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଭଳି ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

# ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନସିପ୍ ଉଦ୍‌ଯାପିତ

## ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ଉଭୟ ବର୍ଗରେ ଓଡ଼ିଶା ଚ୍ୟାମ୍ପିୟନ୍




ଭୁବନେଶ୍ୱର : ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫–୨୬ ର ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ବିଜୟୀ ହୋଇଛି ଏବଂ ଏଥିସହ ୫ ଦିନ ଧରି ଚାଲିଥିଲା ଜାତୀୟସ୍ତରୀୟ ପ୍ରତିଯୋଗିତା ଉଦଯାପିତ ହୋଇଛି । ୧୪ ବର୍ଷରୁ କମ୍ ଉଭୟ ବର୍ଗରେ ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି । କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଉଦଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଉପସ୍ଥିତ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି । ଏଥିସହ ଯୁବ ଖେଳାଳିମାନଙ୍କର ଶୃଙ୍ଖଳା ଓ ଉତ୍ସାହକୁ ପ୍ରଶଂସା କରିଥିଲେ । ସେ କହିଛନ୍ତି ଯେ ଏପରି ମଂଚ କେବଳ କ୍ରୀଡା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବ ନାହିଁ ବରଂ ଶିଶୁମାନଙ୍କ ମଧ୍ୟରେ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜବୁତ କରିବ । ଏହାସହ ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ । ବିଭାଗର କମିଶନର ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଳା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡା ମନୋଭାବକୁ ପ୍ରଶଂସା କରିଥିଲେ । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବିରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟସ୍ତରରେ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ ।

# ସବ୍ ଜୁନିୟର ମହିଳା ହକି : ସେମିରେ ଓଡ଼ିଶା



ରାଂଚୀ : ସବୁ ଜୁନିୟର ମହିଳା ହକିରେ ଓଡିଶା ଟିମ ପ୍ରଭାବୀ ପ୍ରଦର୍ଶନ ଜାରୀ ରଖିଛି । ଓଡିଶା ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ମହାରାଷ୍ଟ୍ରକୁ ସମ୍ପୂର୍ଣ୍ଣ ଏକତରଫା ୮-୧ ଗୋଲରେ ପରାସ୍ତ କରିଛି । ପ୍ରିୟଙ୍କା ମିଞ୍ଜ ଚମତ୍କାର ପ୍ରଦର୍ଶନ କରି ଓଡିଶା ପକ୍ଷରୁ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ । ମ୍ୟାଚର ୮ମ, ୨୬ତମ, ୪୧ତମ ଓ ୫୪ତମ ମିନିଟରେ ସେ ଗୋଲ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ଏକ୍କା ୨ଟି ଗୋଲ ଏବଂ ସୁଇଟି କୁଜୁର ଓ କିରନ ଏକ୍କା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସମ୍ପୂର୍ଣ୍ଣ ମ୍ୟାଚରେ ଓଡିଶାର ପ୍ରଭାବ ଦେଖିବାକୁ ମିଳିଥିଲା । ଓଡିଶା ସେମିଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ । ଅନ୍ୟ ଏକ କ୍ୱାର୍ଟରରେ ମଧ୍ୟପ୍ରଦେଶ ୫-୧ ଗୋଲରେ ମିଜୋରମକୁ ପରାସ୍ତ କରି ସେମିକୁ ଉନ୍ନୀତ ହୋଇଛି । ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ ଉତରପ୍ରଦେଶ ୨-୧ ଗୋଲରେ ହରିୟାଣାକୁ ଏବଂ ଝାରଖଣ୍ଡ ୨-୦ ଗୋଲରେ ପଞ୍ଜାବକୁ ପରାସ୍ତ କରି ସେମିକୁ ଉନ୍ନୀତ ହୋଇଛନ୍ତି । ୟୁପି ଓ ଝାରଖଣ୍ଡ ମଧ୍ୟରେ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ ଖେଳାଯିବ ।

# ସର୍ବଭାରତୀୟ ପୋଲିସ ଫୁଟ୍‌ବଲ ଚାମ୍ପିୟନସିପରେ ‘ଗୋଲଡେନ୍ ବୁଟ୍’ ହାସଲ କଲା ଓଡ଼ିଶା ପୋଲିସ



ଭୁବନେଶ୍ୱର : ତେଲେଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବି.ଏନ୍. ମଲ୍ଲିକ ସର୍ବଭାରତୀୟ ପୋଲିସ ଫୁଟବଲ ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ପୋଲିସର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି ଅବସରରେ ରାଜ୍ୟ ପୋଲିସ ମହିଳା ଓ ପୁରୁଷ ଫୁଟବଲ ଟିମର କ୍ରୀଡ଼ାବିତମାନେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଡିଜିପି ଖୁରାନିଆ ସଫଳ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ୨୩ ମାର୍ଚ୍ଚରୁ ଏପ୍ରିଲ ୦୫ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଆୟୋଜିତ ହୋଇଥିବା ଏହି ଚମ୍ପିୟାନସିପ୍‌ରେ ଓଡ଼ିଶା ପୋଲିସ ମହିଳା ଦଳ ଉପବିଜେତା ଆଖ୍ୟା ଅର୍ଜନ କରିଛନ୍ତି । ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଆସାମ ରାଇଫଲସ ଚମ୍ପିୟାନ ହୋଇଥିବା ବେଳେ ଓଡ଼ିଶା ପୋଲିସ ରନର୍ସଅପ ହୋଇଥିଲା । ଏହି ସଫଳତା ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଂଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । କ୍ରୀଡ଼ାବିତଙ୍କ ଏହି କୃତିତ୍ୱ ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ଖୁରାନିଆ ମତବ୍ୟକ୍ତ କରିଛନ୍ତି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ– **ନିର୍ମାଲ୍ୟ ମହାନ୍ତି**